## ବାଘମାରି, ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

# ବିଶାଳ ବିଜୟ ଲକ୍ଷ୍ୟରେ ବିଜେଡି



**ରାଜନଗର, ୫।୫(ସମିସ)**

ରାଜନଗର ବ୍ଲକ ୩୨ନଂ ଜୋନ୍‌ର ବାଘମାରି, ଡାଙ୍ଗମାଳ, କୃଷ୍ଣନଗର ଓ ଖମାରସାହି ପଞ୍ଚାୟତରେ ବିଜୁ ଜନତା ଦଳର ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଘମାରି ପଞ୍ଚାୟତର କର୍ମୀ ସମ୍ମିଳନୀ ବାଘମାରି ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଡାଙ୍ଗମାଳ, କୃଷ୍ଣନଗର ଓ ଖମାରସାହି ପଞ୍ଚାୟତର କର୍ମୀ ସମ୍ମିଳନୀ ଡାଙ୍ଗମାଳ ପଞ୍ଚାୟତର ବରାଡିଆଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବାଘମାରି କର୍ମୀ ସମ୍ମିଳନୀରେ ପଞ୍ଚାୟତର ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ନେତା ମଦନ ଦେବନାଥ, ବରିଷ୍ଠ ବିଜେଡି ନେତା ଅମଲ କୁମାର ପ୍ରଧାନ, ଦେବ ଦୁଲାଲ ମଣ୍ଡଳ, ଲକ୍ଷ୍ମୀଧର ବାରିକ, ରଘୁନାଥ ବେହେରା, ରମେଶ ଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ମାନ୍ନା, ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ପୂର୍ବତନ ସରପଞ୍ଚ ସୁଧିର ଚନ୍ଦ୍ର ପାଲ, ଯୁବନେତା ରାଖାଲ ଚନ୍ଦ୍ର ପାତ୍ର, ସଭାପତି ଚନ୍ଦନ ସାମଲ, ସରପଞ୍ଚ ଭବାନୀ ପାତ୍ର, ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ପାତ୍ର, ତାଳଚୁଆର ପୂର୍ବତନ ସରପଞ୍ଚ ନିରଞ୍ଜନ ବେରା, ବରିଷ୍ଠ ବିଜେଡି ନେତା ରାମକୃଷ୍ଣ ମାଇତି, ଜୟନ୍ତ ପ୍ରଧାନ, ରମାପତି ମଣ୍ଡଳ, ଯୁବନେତା ଦିଲ୍ଲୀପ ପଣ୍ଡା, ସଞ୍ଜୟ ଖାଣ୍ଡା, ସୁଦର୍ଶନ ପ୍ରଧାନ, ହିମାଂଶୁ ଦାସ, ସତ୍ୟବ୍ରତ ପଣ୍ଡା, ଦେବ କୁମାର ପାତ୍ର, ଦୀପକ ଜେନା, ଗୋବିନ୍ଦ ମଣ୍ଡଳ, ବାସୁଦେବ ଗିରି, କବିତା ମାଇତି, ରାମକୃଷ୍ଣ ମାଇତି, ଚକ୍ରବିନ୍ଦୁ ମାଇତି, ଦୁଲାଲ ଜେନାଙ୍କ ସମେତ ସମସ୍ତ ୱାର୍ଡସଭ୍ୟମାନେ ଯୋଗଦେଇଥିଲେ। ବରାଡିଆଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟାରାମ ସେଠୀ, ବରିଷ୍ଠ ନେତା ଧରଣୀଧର ଦାସ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ରତିକାନ୍ତ ସେଠୀ, ଉପେନ୍ଦ୍ର ନାଥ ସ୍ୱାଇଁ, ବିକ୍ରମ ସେଠୀ, କାଳିପଦ ମଣ୍ଡଳ, ରମାକାନ୍ତ କରଣ, ରବୀନ୍ଦ୍ର କୁମାର ସିଂ, ବିଦୁଭୂଷଣ ବେହେରା, ପବିତ୍ର କରଣ, ନଳିନୀ ମହାନ୍ତି, ବେଣୁଧର ମହାନ୍ତି, ଦିଲ୍ଲୀପ ମଣ୍ଡଳ, ଶକ୍ତିପଦ ମଣ୍ଡଳ, ଶ୍ରୀକାନ୍ତ ଦାସ, ବୁଦ୍ଧିରାମ ସେଠୀ, ଅର୍ଜୁନ ମଣ୍ଡଳ, ଶଙ୍କର କରଣ, ବିଜୟ ବେହେରା, ତପନ ଗନ୍ତାୟତ, ଅଜୟ ସାହୁ, ସୁକାନ୍ତ ମଣ୍ଡଳ, ସରପଞ୍ଚ ଦ୍ରୌପଦୀ ସେଠୀ, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରା, ମୋହନ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ପ୍ରଭାତ କୁମାର ବେହେରା, ସମିତିସଭ୍ୟ ଶ୍ରୀଚରଣ ଦାସ, ବିନୋଦ ସେଠୀ, ବିଶ୍ୱମ୍ଭର ବେହେରା, ବିଷ୍ଣୁ ଚରଣ ରାଜ, ରିତେଶ କୁମାର ବେହେରା, ନିରଞ୍ଜନ ନାୟକ, ଦିନବନ୍ଧୁ କୁଅଁର, ଅଜୟ ଦାସ, ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ସୁବିମଲ ମାଇତି, ଦିଗାମ୍ବର ବେହେରା, ଅଜୟ କୁମାର ବେହେରା, ରାଜ କିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ରଞ୍ଜନ କୁମାର ବେହେରା, ସୁବାସ ଚନ୍ଦ୍ର ବେହେରା, ତପନ କୁମାର ବାରିକ, ହିରଣ୍ୟମୟ ଦାସ, କୁନା ନାୟକ, ସୁଶାନ୍ତ କୁମାର ବେହେରା, ତ୍ରିଲୋଚନ ବାରିକ, ପତିତ ପାବନ ବାରିକ, ଗୋବିନ୍ଦ ବେହେରା, ବନମାଳି ଦଲାଇ, ସୁବଳ ଦଲାଇ, ବରିଷ୍ଠ ନେତା ବିଜୟ ମାଇତି, ଶ୍ରୀକୃଷ୍ଣ ମଣ୍ଡଳ, ମିନକେତନ ଦାସ, ରବୀନ୍ଦ୍ର ଦାସ, ସୁଶିଲ ମଣ୍ଡଳ, ବଙ୍କେଶ ଦାସ, ତାଳଚୁଆ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ବରିଷ୍ଠ ନେତା ହୃଷିକେଶ ପ୍ରଧାନ, ଶତୃଘନ ପରିଡ଼ା, ଅକ୍ଷୟ ସେଠୀ ପ୍ରମୁଖ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇ ଆଗାମୀ ନିର୍ବାଚନରେ କିପରି ଯୋଡ଼ି ଶଙ୍ଖ ଅଧିକ ଭୋଟରେ ବିଜୟ ଲାଭ କରିବ, ସେ ନେଇ ମତ ରଖିଥିଲେ।

ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏହି କର୍ମୀ ସମ୍ମୀଳନୀରେ ଯୋଗଦେଇ ଗତ ୫ ବର୍ଷରେ ରାଜନଗରରେ ହୋଇଥିବା ବିକାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବୀମା ଠୁଁ ଆରମ୍ଭ କରି 'ନୂଆ-ଓ' ଯୋଜନା ଯାଏଁ ବିଭିନ୍ନ ଯୋଜନା କିପରି ସବୁ ସ୍ତରର ଲୋକଙ୍କ ପାଖରେ ପହଁଛି ପାରିଛି, ସେ ନେଇ କହିବା ସହ ଭୋଟ ଭିକ୍ଷା କରିଥିଲେ। ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ କୃଷ୍ଣନଗରଠାରୁ ମୋଟର ସାଇକେଲ ଶୋଭାଯାତ୍ରାରେ କର୍ମୀ ସମ୍ମିଳନୀ ଯାଏଁ କର୍ମୀମାନେ ପାଛୋଟି ନେଇଥିଲେ।

## ଅଖା ଭିତରେ ମଲା ମାଙ୍କଡ଼; ଲୋକେ ଆତଙ୍କିତ



**ପଞ୍ଚୁପାଣ୍ଡବ, ୫।୫ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଡେରାକେଶପୁର କେନାଲ ନିକଟରେ ୪ଟି ଅଖାରେ ମଲା ମାଙ୍କଡ଼ ଭର୍ତ୍ତି ହୋଇ ପଡ଼ିଥିଲା। ୪ଟି ଅଖାରେ ମୁହଁ ବନ୍ଧା ହୋଇଥିବା ବେଳେ ଏହା ଉପରେ ମାଛି ଭଣଭଣ ହେଉଥିବା ଦେଖି ଲୋକଙ୍କ ସନ୍ଦେହ ହୋଇଥିଲା। କିଛି ସମୟ ପରେ ସ୍ଥାନୀୟ ଲୋକମାନେ ଡେରାବିଶ ପୁଲିସକୁ ଖବର ଦେଇଥିଲେ। ଥାନା କର୍ମଚାରୀମାନେ ଅଖା ଖୋଲିବା ବେଳକୁ ଏହା ଭିତରୁ ମଲାମାଙ୍କଡ଼ ବାହାରିଥଲା। କେହି ମାଙ୍କଡ଼କୁ ମାରି ଅଖାରେ ପୂରାଇ ଏଠାରେ ଫୋପାଡ଼ି ଦେଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ କୃଷି କର୍ମଚାରୀଙ୍କ ପରଲୋକ



**ଡେରାବିଶ, ୫।୫(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗା ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ରଘୁନାଥ ସାମଲ (୭୦)ଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସ୍ୱର୍ଗତ ସାମଲ ଦୋହଲି ମଡେଲ ହାଇସ୍କୁଲରୁ ଜଣେ ମେଧାବୀ ଛାତ୍ର ଭାବରେ ଉତ୍ତୀର୍ଣ୍ଣ ହୋଇ ପରେ ଓୟୁଏଟିରୁ ସଫଳତା ସହକାରେ ଉତ୍ତୀର୍ଣ୍ଣ ହୋଇ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ସାମଲ କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଥିଲାବେଳେ କୃଷକମାନଙ୍କ ପାଇଁ ବହୁ ଯୋଜନାର ସଫଳ ରୂପାୟନ କରିପାରିଛନ୍ତି। ଗତ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଆଜି ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବିବି ମଡେଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଶୋକ ପ୍ରକାଶ କରିଛନ୍ତି।

## ବେଣିପୁରରେ ବିଜେଡିର କର୍ମୀ ବୈଠକ



**ପଞ୍ଚୁପାଣ୍ଡବ, ୫।୫(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତର ୧୩ଟି ୱାର୍ଡର କର୍ମକର୍ତ୍ତାମାନେ ଯୋଗଦେଇ ପାଟକୁରାର ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଜିତାଇବା ପାଇଁ ଆଲୋଚନା କରିଥିଲେ। ଏହି ବୈଠକରେ ଶିଶିର ମଲିକ, ନାରାୟଣ ନାଥଶର୍ମା, ବାବୁଲି ମଲିକ, କୁଳମଣି ମହାରଣା, ଭରତ ଚନ୍ଦ୍ର ମଣ୍ଡଳ, ଅନାଦି ଚରଣ ବେହୁରା, ପ୍ରଶାନ୍ତ ସାମଲ, ନିରଞ୍ଜନ ସାହୁ, ବବୁଲ ସାହୁ, ଓ ବଟକୃଷ୍ଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତକାଲି ସନ୍ଧ୍ୟାରେ ମଙ୍ଗଳପୁର ପଞ୍ଚାୟତର ନଣ୍ଡାପଡ଼ିଆ ଠାରେ ବୃନ୍ଦାବନ ମଣ୍ଡଳଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ରଞ୍ଜନ କୁମାର ବେହେରା, କାଳନ୍ଦୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ସମାଜସେବୀଙ୍କ ପରଲୋକ



**ଯାଜପୁର, ୫।୫ (ସମିସ):** ଯାଜପୁର ସହର ଉପକଣ୍ଠ ପଣସା ଗ୍ରାମର ବିଶିଷ୍ଟ କୃଷକ ତଥା ସମାଜସେବୀ ବାମଦେବ ନନ୍ଦଙ୍କ ୭୪ ବର୍ଷ ବୟସରେ ବ୍ରେନ୍‌ଷ୍ଟ୍ରୋକରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘଦିନ ଧରି କଟକସ୍ଥ ଏକ ଘରୋଇ ଚିକିତ୍ସାଳୟରେ ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଅତ୍ୟନ୍ତ ଶାନ୍ତ, ସରଳ ଓ କର୍ମଜୀବୀ କୃଷକ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ସ୍ଥାନୀୟ ଜନସାଧାରଣ ଓ ପରିବାରବର୍ଗ, ବନ୍ଧୁସ୍ୱଜନ ତାଙ୍କ ପଣସାସ୍ଥିତ ବାସଭବନରେ ଶବାଧାରରେ ଉପସ୍ଥିତ ହୋଇଥିଲେ। ବାରୁଣୀ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା।

## ଜୟ ରାଷ୍ଟ୍ର ପକ୍ଷରୁ ଭୋଟର ସଚେତନତା ଅଭିଯାନ



**କେନ୍ଦ୍ରାପଡ଼ା, ୫।୫(ସମିସ):** ସାମାଜିକ ସଂଗଠନ ଜୟ ରାଷ୍ଟ୍ର ପକ୍ଷରୁ ଭୋଟର ସଚେତନତା ଅଭିଯାନ 'ଦେଶ ପାଇଁ ମତଦାନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଅରୁଣ ସ୍ତମ୍ଭ ନିକଟରେ ସଚେତନତା ବାର୍ତ୍ତା ପ୍ରଚାର ପତ୍ରକୁ ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ବିରେନ୍ଦ୍ର କୁମାର ଦାଶ ଓ ଯୁବ ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ମତଦାନ ପ୍ରତ୍ୟେକ ନାଗରିକର ଅଧିକାର ଓ କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇ ମତଦାନ ପାଇଁ ସଚେତନ କରାଯାଇଥିଲା। ଏହି ସଚେତନତା ପ୍ରଚାରପତ୍ର ଜୟ ରାଷ୍ଟ୍ର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସମଗ୍ର ଜିଲ୍ଲାରେ ବିତରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜ୍ୟୋତି ରଞ୍ଜନ ନାୟକ, ସେବାୟତ ଜ୍ୟୋତି ରଞ୍ଜନ ପତ୍ରୀ, ନିରଞ୍ଜନ ମହାରଣା, ଲକ୍ଷ୍ମୀକାନ୍ତ ନାୟକ, ବିକାଶ ସ୍ୱାଇଁ, ବିରେନ୍ଦ୍ର ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ସୁଶାନ୍ତ ନାୟକ, ଗୌତମ ସାହୁ, ଜ୍ଞାନ ରଞ୍ଜନ ଦାସ, ରାଜେନ୍ଦ୍ର ମହାପାତ୍ର, ପ୍ରଦ୍ୟୁମ୍ନ ବେହୁରା ପ୍ରମୁଖ ଯୋଗଦେଇଥିଲେ। ମାତୃଦତ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଙ୍କଜ ସିହ୍ନା ଧନ୍ୟବାଦ ଦେଇଥିଲେ।

## ପ୍ରତାପ କେଶରୀ ଦେବଙ୍କ ମାରାଥନ୍ ପ୍ରଚାର




**ଓଲାଭର, ୫।୫(ସମିସ)**

ରାଜକନିକା ବ୍ଲକ ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତର ହାବଳଗଣ୍ଡ ସ୍କୁଲ ପଡ଼ିଆଠାରେ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ବିଜେଡି ସଙ୍ଗଠକ ପବିତ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଳି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ବ୍ଲକ ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ୨୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ବେହେରା ଓ ରାଜକନିକା ବ୍ଲକ ବିଜୁ ଜନତା ଦଳର ମହିଳା ମୋର୍ଚ୍ଚାର ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟରେ ନବୀନ ସରକାରଙ୍କ ଜନହିତକର ଯୋଜନାଗୁଡିକୁ ଜନସାଧାରଣଙ୍କୁ ଅବଗତ କରାଇବା ସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ମତଦାନ କରି ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍ କାରଖାନାର କ୍ଷମତା ବୃଦ୍ଧି

# ୫,୪୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ

**ଦାନଗଦି, ୫।୫(ସମିସ):** ଭାରତର ଅଗ୍ରଣୀ ଷ୍ଟେନଲେସ ଷ୍ଟି ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଏହାର ମେଲ୍‌ଟିଂ ଓ ଡାଉନଷ୍ଟ୍ରିମ କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱରେ ଏକ ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଭାବେ ପରିଗଣିତ ହେବା ଉଦ୍ଦେଶ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଓ ଅଧିଗ୍ରହଣ ଯୋଜନା ଘୋଷଣା କରିଛି। ଷ୍ଟେନଲେସ ଷ୍ଟିଲରେ ବିଶ୍ୱସ୍ତରୀୟ ନେତୃତ୍ୱ ହାସଲ କରିବା ପାଇଁ କମ୍ପାନୀ ପ୍ରାୟ ୫,୪୦୦ କୋଟି ଟଙ୍କାର ଏକ ତ୍ରିସ୍ତରୀୟ ନିବେଶ ରଣନୀତି ଘୋଷଣା କରିଛି। ଜିନ୍ଦଲ ଷ୍ଟେନଲେସ ଇଣ୍ଡୋନେସିଆରେ ବାର୍ଷିକ ୧.୨ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ଥିବା ଏକ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ସୋପ୍ ବିକାଶ ଓ ପରିଚାଳନା ପାଇଁ ଯୌଥ ଉଦ୍ୟୋଗ ଆରମ୍ଭ କରିଛି। ଏଥିରେ ୭୦୦ କୋଟି ଟଙ୍କାରୁ ଅଧିକ ନିବେଶ ହେବା ସହ କମ୍ପାନୀର ମେଲ୍ଟିଂ କ୍ଷମତା ୪୦% ବୃଦ୍ଧି ପାଇ ବାର୍ଷିକ ୪.୨ ମିଲିୟନ ଟନ୍ ହେବ। ଯାଜପୁରରେ ଏହାର ଡାଉନଷ୍ଟ୍ରିମ ଲାଇନର ସମ୍ପ୍ରସାରଣ ପାଇଁ କମ୍ପାନୀ ପ୍ରାୟ ୧୯୦୦ କୋଟି ଟଙ୍କା ବ୍ୟୟବରାଦ କରିଛି। ଏହା ବ୍ୟତୀତ ରେଲୱେ ସାଇଡିଂ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ପ୍ରକଳ୍ପ ଓ ଅକ୍ଷୟ ଶକ୍ତି ଉତ୍ପାଦନ ଭଳି ଭିତ୍ତିଭୂମିର ଉନ୍ନତୀକରଣ ପାଇଁ କମ୍ପାନୀ ପ୍ରାୟ ୧୪୫୦ କୋଟି ଟଙ୍କାର ନିବେଶ ଆକଳନ କରିଛି। ତୃତୀୟତଃ, କମ୍ପାନୀ ଏକ ଗଠନମୂଳକ ପରୋକ୍ଷ ଅଧିଗ୍ରହଣ ଚୁକ୍ତି ମାଧ୍ୟମରେ ଗୁଜରାଟର ମୁନ୍ଦ୍ରାରେ ଥିବା ୦.୬ ଏମଟିପିଏ କୋଲ୍ଡ ରୋଲିଂ ମିଲ୍, କ୍ରୋମେନି ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ସିଏସପିଏଲ) ର ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିବ। ଏହି କାରବାରରେ ପ୍ରାୟ ୧, ୩୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯେଉଁଥିରେ ୧, ୨୯୫ କୋଟି ଟଙ୍କାର ଋଣ ଓ ଇକ୍ୱିଟି କ୍ରୟ ବାବଦରେ ଅବଶିଷ୍ଟ ୪୫ କୋଟି ଟଙ୍କା ରହିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ରଜତ ଜୟନ୍ତୀ ସମାରୋହ

**ଦଶରଥପୁର, ୫।୫(ସମିସ):** ଦଶରଥପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ନନ୍ଦିପୁର ଉଚ୍ଚ ବିଦ୍ୟାଳୟ ୧୯୮୮ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ରଜତ ଜୟନ୍ତୀ ସମାରୋହ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ଛାତ୍ର ପ୍ରଭୁକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୯୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ପୁରାତନ ଓ ନୂତନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯିବା ସହିତ ସମସ୍ତଙ୍କ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୁରୁ ପୂଜନ କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବଶଙ୍କର ପାତ୍ର, ପୁରାତନ ଶିକ୍ଷକ ପ୍ରମୋଦ ମହାନ୍ତି, ଅନୀଲ କୁମାର ଶତପଥୀ, କ୍ଷୀରୋଦ ଦାସ, ଦାମୋଦର କର, ହରିହର ପତି, ମାଧବାନନ୍ଦ ଦଳେଇ, ଅଦ୍ୱୈତ ପ୍ରସାଦ ମଲ୍ଲିକ, ବଳରାମ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିବାବେଳେ ବ୍ୟାଚର ବିଭୂତି ଭୂଷଣ ରଣା, ହୃଷିକେଶ ରଣା, ସନ୍ଦୀପ ଷଡ଼ଙ୍ଗୀ, ମିଳନ କୁମାର ଶତପଥୀ, ଗିରିଜା ଶଙ୍କର ମହାପାତ୍ର, ସତ୍ୟଜିତ ଦାସ, ସୁଦୀପ୍ତ କୁମାର ଶତପଥୀ, ବିଶ୍ୱଜିତ ମହାପାତ୍ର, ମିତା ମହାନ୍ତି, ସୁପ୍ରିୟା ନାୟକଙ୍କ ସମେତ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଜଳିଗଲା ବସ୍

**ଦାନଗଦି, ୫।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ସିଙ୍ଗାଗାଡିଆ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ବସ୍‌ରେ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ବସ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ସୌଭାଗ୍ୟବଶତଃ ବସ୍‌ରେ କୌଣସି ଲୋକ ନ ଥିବାରୁ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ବସ୍‌ଟି ଜଳୁଥିବାବେଳେ ଦାନଗଦି ଫାଣ୍ଡି ପୁଲିସ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ତେବେ ବସ୍‌ଟି ଏକ ଘରୋଇ କମ୍ପାନୀରେ ଲାଗିଥିବା ଜଣାପଡ଼ିଛି।

## ବଦଳୁଛି ଲୁଣାନଦୀର ଗତିପଥ

# ତୀବ୍ର ସ୍ରୋତ ଯୋଗୁଁ ଖସୁଛି ନଦୀବନ୍ଧର ପଥର ପ୍ୟାକିଂ

**ଡେରାବିଶ, ୫।୫(ସମିସ)**



ମହାନଦୀର ଶାଖା ନଦୀ ଲୁଣା ଚିରସ୍ରୋତା। ଏହି ନଦୀର ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ବେଲମାଳଠାରେ ନଦୀରେ ଖରା ଦିନେ ବି ଅକାତକାତ ପାଣି। ଲୋକମାନେ ଏହି ଗଣ୍ଡରେ ଖରାଦିନେ ବି ଗାଧୋଇବାକୁ ଭୟ କରଥାନ୍ତି। କାରଣ ଏହାର ଆଭ୍ୟନ୍ତରରେ ଥିବା ପ୍ରବଳ ସ୍ରୋତ ଯୋଗୁ ଏହି ଗଣ୍ଡରେ ବିଭିନ୍ନ ସମୟରେ ଲୋକମାନେ ବୁଡ଼ି ପ୍ରାଣ ହରାଇଥିବା ନଜରି ରହିଛି। ତେବେ ଏହି ପ୍ରବଳ ସ୍ରୋତ ଫଳରେ ବନ୍ଧ କ୍ଷୟ ହେଉଥିବାରୁ ବେଲମାଳ ମଠଠାରୁ ତଳକୁ ୫୦୦ମିଟର ଓ ଉପରକୁ ୩୦୦ ମିଟର ପର୍ଯ୍ୟନ୍ତ ଜଳସେଚନ ବିଭାଗ ପକ୍ଷରୁ ବହୁ ପୂର୍ବରୁ ବନ୍ଧକୁ ସୁରକ୍ଷା ଦେବା ପାଇଁ ପଥର ପ୍ୟାକିଂ କରାଯାଇଛି। ତେବେ ଏହାର ଅପର ପାର୍ଶ୍ୱରେ ପାଣିଓଲା ଗ୍ରାମନିକଟରେ ନଦୀର ସ୍ରୋତ ଫଳରେ ବନ୍ଧ କ୍ଷୟ ହେବାରୁ ବିଭାଗ ପକ୍ଷରୁ ଗତ ବର୍ଷ ପଥର ସ୍ପର ନିର୍ମାଣ କରାଯାଇଥିଲା। ଏହି ପଥର ସ୍ପର ଫଳରେ ପାଣି ଗ୍ରାମ ପାର୍ଶ୍ୱ ବନ୍ଧ କ୍ଷୟରୁ ରକ୍ଷା ପାଇଲା ସିନା ହେଲେ ନଦୀର ଗତିପଥ ବଦଳିଯାଇ ବେଲମାଳ ମଠର ୪୦୦ ମିଟର ଉପରକୁ ବନ୍ଧକୁ କ୍ଷୟ କରିବାକୁ ଲାଗିଲା। ଯାହା ଫଳରେ ଜଳସେଚନ ବିଭାଗ ପକ୍ଷରୁ ଏବେ ଏହି ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କରାଯାଉଛି। ହେଲେ ଏବେ ଆଉ ଏକ ଘଟଣା ଦେଖିବାକୁ ମିଳିଛି। ଗତ ଚାରି ପାଞ୍ଚ ଦିନ ହେବ ନଦୀରେ ପାଣିସ୍ତର କମି ଯାଇଛି। ନଦୀର ପାଣିସ୍ତର କମିଯିବା ପରେ ନଦୀର ତୀବ୍ର ସ୍ରୋତ ବେଲମାଳ ମଠର ଠିକ ୨୫ ମିଟର ତଳକୁ ନଦୀବନ୍ଧରୁ ସମ୍ପୂର୍ଣ୍ଣ ପଥର ପ୍ୟାକିଂ ଧୋଇ ନେଇଯାଇଥିବା ଦେଖିବାକୁ ମିଳିଛି। ଏଥିସହିତ ଧୀରେ ଧୀରେ ଏହି ପଥର ପ୍ୟାକିଂ ଧୋଇଯାଇଥିବା ସ୍ଥାନର ପରିମାଣ ଲମ୍ବି ଲମ୍ବି ଚାଲିଛି। ଯଦି ଖରାଦିନେ ପଡୁଥିବା ସ୍ରୋତ ଯୋଗୁ ନଦୀର ପଥର ପ୍ୟାକିଂ ଏଭଳି ଅବସ୍ଥା ହେଉଛି ତେବେ ବର୍ଷାଦିନେ ତାହା କ'ଣ ଯେ କରିବ କିଛି କହିହେବ ନାହିଁ। ଏଥିପାଇଁ ଜଳସେଚନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ବର୍ଷାଋତୁ ପୂର୍ବରୁ ଏହି ସ୍ଥାନରେ ପଥର ପ୍ୟାକିଂ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ

**କୁଇଓ, ୫।୫(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଜାମୁନାଳି ପଞ୍ଚାୟତ ଇଙ୍ଗା କଲୋନୀଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଛେଣ୍ଡିପଦା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା, ସହପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଟାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ, କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାପତି ତଥା ମହିଳା ପର୍ଯ୍ୟବେକ୍ଷକ ରୋଶନା ସାହୁ, ବିଦୁଲତା ସାହୁ, ଦୀପକ ମିଶ୍ର, ଜୋନ ପର୍ଯ୍ୟବେକ୍ଷକ ସତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଦଳୀୟ ସାଗଠନିକ ମଜଭୁତ୍ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହ ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରାଙ୍କୁ ବିପୁଳ ସଂଖ୍ୟାରେ ମୋହର ମାରିବା ପାଇଁ ନିବେଦନ କରିଛନ୍ତି। ଆସନ୍ତା ୧୫ ତାରିଖରେ ଛେଣ୍ଡିପଦା ପଡ଼ିଆ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଉଥିବାରୁ ଏଥିରେ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ବିଜୁ ଜନତା ଦଳ କର୍ମୀମାନଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ।




## ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖାର ବୈଠକ

# ରାଜ୍ୟରେ ନବୀନ ବାବୁଙ୍କର କେହି ବିକଳ୍ପ ନାହାନ୍ତି




**ଅନୁଗୋଳ, ୫।୫(ସମିସ)**

ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖାର ବାର୍ଷିକ ବୈଠକ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖାର ସଭାପତି ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ପରମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ନବୀନ ବାବୁଙ୍କର କେହି ବିକଳ୍ପ ନାହାନ୍ତି। ସେ କମ୍ କଥା କହନ୍ତି, କାର୍ଯ୍ୟରେ ବିଶ୍ୱାସ ରଖନ୍ତି। ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ନିର୍ବାଚନରେ ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜୟଯୁକ୍ତ କରିବାକୁ ପଡିବ ବୋଲି ଆଇନଜୀବୀମାନଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ଅନ୍ୟତମ ଅତିଥି ବିଜେଡି ଲିଗାଲ ଫ୍ରଣ୍ଟର ରାଜ୍ୟ ସଭାପତି

**● 'ଦେଶ ସ୍ୱାଧୀନତାରେ ଓକିଲମାନଙ୍କ ପ୍ରମୁଖ ଭୂମିକା ଥିଲା'**

ମିଳନ କାନୁନଗୋ ଯୋଗଦେଇ କହିଲେ ଯେ, ଆଇନଜୀବୀମାନେ ଦେଶର ସ୍ୱାଧୀନତା ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସ୍ୱର୍ଗତ ବିଜୁବାବୁ ଓଡ଼ିଶାକୁ ତାଙ୍କର ଏକ ବଡ଼ ସମ୍ପତ୍ତି ଛାଡ଼ିଯାଇଛନ୍ତି। ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଓଡ଼ିଶାରେ ନବୀନ ବାବୁ ଆଇନଜୀବୀମାନଙ୍କ ପାଇଁ ବୀମା ଯୋଜନା ଅତି ଶୀଘ୍ର ଲାଗୁ କରିବେ। ନିର୍ବାଚନରେ ଆଇନଜୀବୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ତେଣୁ ସେମାନେ ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଅନୁଗୋଳ ବିଧାନସଭାର ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ବିଜେଡି ଲିଗାଲ ଫ୍ରଣ୍ଟ କଟକ ସଭାପତି ଗୋପାଳ ଅଗ୍ରୱାଲ, ଅନୁଗୋଳ ବିଜେଡି ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ବିଜେଡି ଲିଗାଲ ଫ୍ରଣ୍ଟ, ଢେଙ୍କାନାଳ ଜିଲ୍ଲା ସଭାପତି ଗୋପାଳ ପାତ୍ର, ତାଳଚେର ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ରାଉତ, ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ଆଠମଲ୍ଲିକ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଅସିତ କୁମାର ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେଡି ଲିଗାଲ ଫ୍ରଣ୍ଟର ଅଭିମୁଖ୍ୟ ସମ୍ପର୍କରେ କହିବା ସହ ଅନୁଗୋଳ ଜିଲ୍ଲାରେ ପାଞ୍ଚଟି ବିଧାନସଭାର ବିଜେଡି ପ୍ରାର୍ଥୀ ଓ ପ୍ରାର୍ଥିନୀ ଓ ଲୋକସଭା ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ସମସ୍ତ ଆଇନଜୀବୀଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ସାହୁ, ପାର୍ଥସାରଥୀ ପ୍ରଧାନ, ସୁନୀଲ କୁମାର ସାହୁ, ବିନୋଦ କୁମାର ସାମଲ, ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଆଇନଜୀବୀମାନେ ବୈଠକରେ ସହଯୋଗ କରିଥିଲେ। ଏହି ବୈଠକରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।



# କୋଇଲା ଖଣିରେ ଭିଜିଲାନ୍ସ ଯାଞ୍ଚ ଔପଚାରିକତା ନା ଆଉ କିଛି



**ତାଳଚେର, ୫।୫(ସମିସ)**

ତାଳଚେର ଅଞ୍ଚଳରେ ଲିଙ୍ଗରାଜ ଖୋଲାମୁହଁ କୋଇଲା ଖଣିଠାରୁ ଆରମ୍ଭ କରି ଭୁବନେଶ୍ୱରୀ, କଣିହାଁ, ଜଗନ୍ନାଥ, ଅନନ୍ତ, ଭରତପୁର, ବଳରାମ, ହିଙ୍ଗୁଳା ରହିଥିବା ବେଳେ ଡେରା ଓ ନନ୍ଦିରା ଭୂତଳ କୋଇଲା ଖଣି ରହିଛି। ଏହି କୋଇଲା ଖଣି ଗୁଡ଼ିକରେ ସ୍ୱଚ୍ଛତା ଏବଂ ଉତ୍ତମ ଶାସନକୁ ସୁନିଶ୍ଚିତ କରିବା ଦିଗରେ ଏମସିଏଲ ନିଜସ୍ୱ ଭିଜିଲାନ୍ସ ଟିମ୍ ବାରମ୍ବାର ଏଠାକୁ ଆସି ଯାଞ୍ଚ କରିବା ଏହା ଔପଚାରିକତା ନା ଆଉ କିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହିଙ୍ଗୁଳା କୋଇଲା ଖଣିରେ ବିଗତବର୍ଷ ଗୁଡ଼ିକରେ ମାଟି ଗଦା ଉପରେ କୋଇଲା ଷ୍ଟକ୍ ରଖି ମେଜରମେଣ୍ଟ କରାଯାଇଥାଏ ବୋଲି ଅଭିଯୋଗ ହୋଇଥାଏ। ଏକଥା ସମସ୍ତଙ୍କୁ ଜଣାଥିଲେ ମଧ୍ୟ ଭିଜିଲାନ୍ସ ଟିମ କିପରି ଭାବେ ଏହା ଜାଣିପାରୁ ନାହିଁ, ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଉଛି। ଉକ୍ତ କୋଇଲା ଖଣିକୁ ଭିନ୍ନ ଭିନ୍ନ ସମୟରେ କେତେକ ଅସାଧୁ କର୍ମଚାରୀ ଓ କୋଇଲା ମାଫିଆଙ୍କ ସଲା ସୁତରାରେ ଶହ ଶହ ଟ୍ରିପ୍ ଚୋରା କୋଇଲା ବାହାରକୁ ଚାଲଣ ହେଉଛି। ଏହି ଘଟଣାକୁ କେନ୍ଦ୍ର କରି ଅନ୍ୟ ଜିଲ୍ଲାର ଥାନା ଓ ଖଣିର ଏସଟିଏଫ୍ ଟିମ ହାବୁଡ଼ରେ ଧରା ପଡୁଥିବା ଘଟଣା ଚର୍ଚ୍ଚା ପରିଧିକୁ ଆସିଥିବା ବେଳେ କିପରିଭାବେ ଭିଜିଲାନ୍ସ ଟିମ୍ ଏହାର ଟେର୍ ପାଉନାହିଁ। ଏମସିଏଲ ନିଜସ୍ୱ ସୁରକ୍ଷାକର୍ମୀ ଓ ଘରୋଇ କମ୍ପାନୀର ସୁରକ୍ଷା କର୍ମୀ ନିଯୁକ୍ତି ହୋଇଥିଲେ ମଧ୍ୟ ଏତେ ସଂଖ୍ୟକ କୋଇଲା ଚୋରି ହେଉଥିବା ଘଟଣା ନିତିଦିନିଆରେ ପରିଣତ ହେଲାଣି ବୋଲି ଅଭିଯୋଗ ହେଉଛି। ଏପରିକି, କୋଇଲା ଖଣିର ଷ୍ଟକୟାର୍ଡରେ କୋଇଲା ପୋଡ଼ି ଯୋଗୁଁ ଏଠାରେ ଉତାପ ବୃଦ୍ଧି ପାଉଥିବା ବେଳେ ଏହାକୁ ଖଣି କର୍ମଚାରୀ ଆୟତ୍ତ କରିବା ପରିବର୍ତ୍ତେ ଅଣଦେଖା କରୁଥିବା ମନେ ହେଉଛି। ଫଳତଃ କେତେକ ଅସାଧୁ ଖଣି କର୍ମଚାରୀମାନେ ହଜାର ହଜାର ଟ୍ରିପ୍ କୋଇଲା ପୋଡୁଥିବା ଜାଗାରେ ଶହ ଶହ ଟ୍ରପ୍ ଦର୍ଶାଇବା କାହା ସ୍ୱାର୍ଥରେ। ଯଦି ନିରପକ୍ଷ ତଦନ୍ତ କରାଯାଏ ପ୍ରକୃତ ସତ୍ୟସତ୍ୟା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି। ପୁନଶ୍ଚ ଲୋକାଲ ସେଲ୍ କୋଇଲା ପରିବହନରେ ନିୟମିତଭାବେ ନିୟୋଜିତ ହୋଇଥିବା ଟ୍ରକ ଗୁଡ଼ିକରୁ ପ୍ରତ୍ୟେକ ଦିନ ଗାଡ଼ି ପିଛା ୫ଶହ ଟଙ୍କାରୁ ୭ଶହ ଟଙ୍କା ପର୍ଯ୍ୟନ୍ତ ଏପରିଭାବେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ନେଇ ବୋଲି ଟ୍ରକ ମାଲିକମାନେ ସାଂଘାତିକ ଅଭିଯୋଗ କରିଥାନ୍ତି। ଏପରିସ୍ଥଳେ କିପରିଭାବେ ଭିଜିଲାନ୍ସ ଟିମ୍ ଏହା ଜାଣିପାରୁ ନାହାନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ ? ଘଟଣାରୁ ପ୍ରକାଶ ଯେ, ବିଭିନ୍ନ ଘଟଣାକୁ କେନ୍ଦ୍ରକରି ଗତକାଲି ଠାରୁ ଏମସିଏଲ ନିଜସ୍ୱ ଭିଜିଲାନ୍ସ ଟିମ୍ ଆସି ଖଣିରେ ଡେରା ପାକଉଛି। ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଉପରୋକ୍ତ ଅଭିଯୋଗଗୁଡ଼ିକ ପ୍ରତି ଯଦି ସମ୍ପୃକ୍ତ ଭିଜିଲାନ୍ସ ଟିମ ଦୃଷ୍ଟିଦିଏ, ତେବେ ରାଜ୍ୟ ଓ କେନ୍ଦ୍ର ରାଜସ୍ୱ ପ୍ରଚୁର ପରିମାଣରେ ପାଇବା ସହିତ ଏମସିଏଲର ବାର୍ଷିକ ଆୟ ବୃଦ୍ଧି ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ତୁରୁଡ଼ାରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର

**ବଇଣ୍ଡା, ୫।୫(ସମିସ):** କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ରବିବାର ଠାରୁ ବିଜେଡି ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ପ୍ରଥମେ ନିଜ ଗାଁ ମାହେଶ୍ୱରୀ ଠାକୁରାଣୀଙ୍କ ଠାରେ ନିଜର ପ୍ରଚାର ପୁସିଂ କାର୍ଡ ମା'ଙ୍କ ଠାରେ ସମର୍ପିତ କରି ଘର ଘର ବୁଲି ପ୍ରଚାର କରିଥିଲେ। ଗାଁର ସମସ୍ତ ମହିଳା, ପୁରୁଷ, ଯୁବ ଭୋଟର, ବୟସ୍କ ଭୋଟରମାନଙ୍କୁ ନିଜର ପୁସିଂ କାର୍ଡଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେ ବିଜୟୀ ହେଲେ ଆଠମଲ୍ଲିକ ଉପଖଣ୍ଡକୁ ଏକ ଶ୍ରେଷ୍ଠ ଅଞ୍ଚଳରେ ଗଢ଼ି ତୋଳିବାକୁ ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ପ୍ରଚାରରେ ତାଙ୍କ ପତ୍ନୀ ତଥା ବିଜେଡି ନେତ୍ରୀ ରଞ୍ଜିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ଦାମୋଦର ବେହେରା, ନିରଞ୍ଜନ ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ବରୁଣ ସାହୁ, ପଦ୍ମଲୋଚନ ସାହୁ, ସାବିତ୍ରୀ ସାହୁ, ସସ୍ମିତା ସାହୁ, ରଶ୍ମିତା ସାହୁଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

**■ ଆଠମଲ୍ଲିକର କଂଗ୍ରେସ ପ୍ରାର୍ଥୀ ବଦଳିଲେ**

# ବିଜୟାନନ୍ଦଙ୍କ ସ୍ଥାନରେ ରହିଲେ ହିମାଂଶୁ

**ଆଠମଲ୍ଲିକ ୫।୫(ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ତା'ର ବିଧାୟକ ପ୍ରାର୍ଥୀ ଭାବେ ପୂର୍ବରୁ ବିଜୟାନନ୍ଦ ଚାଉଳିଆଙ୍କ ନାମ ଘୋଷଣା କରିଥିବା ବେଳେ ରବିବାର ପ୍ରାର୍ଥୀ ବଦଳାଇ ହିମାଂଶୁ ଚାଉଳିଆଙ୍କ ନାମ କଂଗ୍ରେସ ଘୋଷଣା କରିଥିବା ଜଣାଯାଇଛି। ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ବିଜୟାନନ୍ଦ ଚାଉଳିଆଙ୍କୁ ଆଠମଲ୍ଲିକ ବିଧାନସଭା ପାଇଁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ୩୦ ହଜାର ୯୨୫ ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ କଂଗ୍ରେସ ବିଜୟାନନ୍ଦଙ୍କୁ ପୁଣି ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଘୋଷଣା କରିଥିଲା। ଶେଷ ମୁହୂର୍ତ୍ତରେ ହଠାତ କଂଗ୍ରେସ ବିଜୟାନନ୍ଦଙ୍କ ନାମକୁ ବଦଳାଇ ତାଙ୍କ ସମ୍ପର୍କୀୟ ଭାଇ ହିମାଂଶୁ ଚାଉଳିଆଙ୍କ ନାମ ଘୋଷଣା କରିଛି। ହିମାଂଶୁ ବିଗତ ଦିନରେ ବିଜେପିର ଜଣେ ପ୍ରମୁଖ କର୍ମକର୍ତ୍ତା ରହିଥିବା ବେଳେ ଗତ କିଛିଦିନ ତଳେ ସେ ବିଜେପି ପରିତ୍ୟାଗ କରି କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ତାଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ କର୍ମୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେ ବିଗତ ଦିନରେ କଂଗ୍ରେସର କୌଣସି ସଂଗଠନ ସହ ଜଡ଼ିତ ନଥିଲେ କିମ୍ବା ଗତ ୫ ବର୍ଷ ମଧ୍ୟରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଅଂଶଗ୍ରହଣ କରି ନଥିଲେ। ସେନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



# ଅକ୍ଷୟ ତୃତୀୟା ପାଇଁ ତନିସ୍କ ପକ୍ଷରୁ ସ୍ୱତନ୍ତ୍ର ଗହଣା ଉନ୍ମୋଚିତ



**ଅନୁଗୋଳ, ୫।୫(ସମିସ):** ଅକ୍ଷୟ ତୃତୀୟା ପାଇଁ ଟାଟାର ଅଳଙ୍କାର ବ୍ରାଣ୍ଡ ତନିସ୍କ ପକ୍ଷରୁ ସ୍ୱତନ୍ତ୍ର ଗହଣାର ଉନ୍ମୋଚନ କରାଯାଇଛି। ଓଡ଼ିଆ ଲୋକଙ୍କ ମନୋଭାବ ଓ ମାନସିକତାକୁ ଲକ୍ଷ୍ୟ କରି ଓଡ଼ିଆ କାରିଗରୀର ସ୍ପର୍ଶ ଥାଇ ଏହି ଗହଣା ପ୍ରସ୍ତୁତ ହୋଇଛି। ତନିସ୍କର ଏରିଆ ବିଜନେସ୍ ମ୍ୟାନେଜର ଅରିୟନ୍ଦୁ ବୁନ୍ଦେଲ ଓ ତନିସ୍କର ବିଜନେସ୍ ଆସୋସିଏଟ୍ ମାନିକ ହଂସ ଯୋଗଦେଇ ଏହି ଗହଣାର ଉନ୍ମୋଚନ କରାଇଥିଲେ। ଏହି ଅବସରରେ ସେମାନେ କହିଥିଲେ ଯେ, ତନିସ୍କର ଓଡ଼ିଶାରେ ୧୭ଟି ଷ୍ଟୋର ଥିଲାବେଳେ ଏହା ଗ୍ରାହକଙ୍କ ପ୍ରାଥମିକତାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛି। ଅକ୍ଷୟ ତୃତୀୟାରେ ଓଡ଼ିଶାରେ ସୁନା ଗହଣା କିଣିବାର ପରମ୍ପରା ଥିବାରୁ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁ ସ୍ୱତନ୍ତ୍ର ଅଫର ମଧ୍ୟ ଦିଆଯାଉଛି। ଗହଣାର ତିଆରି ମୂଲ୍ୟରେ ୨୦ ପ୍ରତିଶତ ରିହାତି ରହିଛି। ଅସ୍ଥିର ସୁନା ଦର ପାଇଁ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ କାର୍ଯ୍ୟକାରୀ ହେଉଛି। ଏହା ଗ୍ରାହକମାନଙ୍କୁ ସେମାନଙ୍କ ସୁନା ସଂପତ୍ତି ପାଇଁ ସର୍ବୋତ୍ତମ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରିଥାଏ। ଗ୍ରାହକମାନେ ୨୨କ୍ୟାରେଟ୍ ଓ ପୁରୁଣା ସୁନା ଅଳଙ୍କାରରେ ୧୦୦ ପ୍ରତିଶତ ମୂଲ୍ୟ ପାଇପାରିବେ ବୋଲି କୁହାଯାଇଛି।



## ଖରା ଗରମରୁ ବଳିପଡୁଛି ବିଦ୍ୟୁତ୍ ଯନ୍ତ୍ରଣା

# ଜିଲ୍ଲାରେ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ତେଜୁଛି ଅସନ୍ତୋଷ



**ଜଗତସିଂହପୁର, ୫।୫(ସମିସ)**

ରାଜ୍ୟ ତଥା ଜିଲ୍ଲାରେ ଟାଟା ପାୱାର କମ୍ପାନୀକୁ ବିଦ୍ୟୁତ୍ ଯୋଗାଣ ସହ ବିଦ୍ୟୁତ୍ ଶୁଳ୍କ ଆଦାୟ ଓ ମରାମତି କାର୍ଯ୍ୟ ସମେତ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ଏହି କମ୍ପାନୀର ମନମାନୀ କାରଣରୁ ଜିଲ୍ଲାରେ ପ୍ରତିଦିନ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ ଘଟି ଚାଲିଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜିଲ୍ଲାରେ ପାରଦ ଉପରମୁହାଁ ୪୨ ଡିଗ୍ରୀ ହେବା ସହିତ ଖରା ତାତି ବଢ଼ିଚାଲିଥିବାରୁ ଏହି ସମୟରେ ଲୋକମାନେ ଘରେ ରହିବାକୁ ବାଧ ହୋଇଛନ୍ତି। ତେବେ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ଅସହ୍ୟ ଗୁଳୁଗୁଳି ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଏହାକୁ ନେଇ ସ୍ଥାନୀୟ ବିଦ୍ୟୁତ୍ ଉପଭୋକ୍ତା ଓ ବିଭିନ୍ନ ସଂଗଠନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଏହାର ପ୍ରତିକାର ହୋଇପାରୁନଥିବାରୁ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧୁଛି। ସହରରେ ଦିନକୁ ୨୫ରୁ ୩୦ ଥର ବିଦ୍ୟୁତ୍ କାଟ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏହି ବିଦ୍ୟୁତ୍ କାଟ ଦିନକୁ ୪୦ରୁ ୫୦ ଥରକୁ ଟପିଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ଯୋଗାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଏହି କମ୍ପାନୀ ସନ୍ତୋଷଜନକ ସେବା ଦେଇପାରୁନଥିବାରୁ ଲୋକମାନେ ପ୍ରଚଣ୍ଡ ଖରା ଓ ଗରମ ସମୟରେ ତ୍ରାହି ତ୍ରାହି ଡାକୁଛନ୍ତି। ପ୍ରତିଦିନ ଉପଭୋକ୍ତାମାନେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଟାଟା ପାୱାର କରିଥିବା ଚୁକ୍ତି ଅନୁସାରେ ଉଚ୍ଚମାନର ବିଦ୍ୟୁତ୍ ନିରବଚ୍ଛିନ୍ନ ଭାବରେ ଗ୍ରାହକଙ୍କୁ ଯୋଗାଇଦେବା ସହିତ ସଠିକ ଭାବେ ରକ୍ଷଣାବେକ୍ଷଣ ଓ ସୁପରିଚାଳନା ପାଇଁ ଅଙ୍ଗୀକାରବଦ୍ଧ ହୋଇଛି। ମାତ୍ର ଏହି କମ୍ପାନୀର ଦାୟିତ୍ୱହୀନତା ପାଇଁ ବିଦ୍ୟୁତ୍ ଯୋଗାଣରେ ବ୍ୟାପକ ଅନିୟମିତତା ଘଟି ଚାଲିଥିବା ଅଭିଯୋଗ ହୋଇଛି। ଅଘୋଷିତ ବିଦ୍ୟୁତକାଟ ଏକ ବେଆଇନ କାର୍ଯ୍ୟ ହୋଇଥିବା ବେଳେ, ଜଗତସିଂହପୁର ସହରରେ ଥରେ ବିଦ୍ୟୁତ ଚାଲିଗଲେ ପୁଣିଥରେ ଆସିବାକୁ ୪୦ମିନିଟ୍‌ରୁ ୧ଘଣ୍ଟା ସମୟ ଲାଗୁଛି। ସେହିପରି ଗ୍ରାମାଞ୍ଚଳରେ ଏହି ଅବସ୍ଥା ଆହୁରି ଜଟିଳ ହୋଇଛି। ସେଠାରେ ଥରେ ବିଦ୍ୟୁତ୍ କଟିଗଲେ ଲୋକମାନେ ଅନିଶ୍ଚିତତା ମଧ୍ୟରେ ରହୁଥିବା ପ୍ରକାଶ କରିଛନ୍ତି। ଅସହ୍ୟ ଗୁଳୁଗୁଳି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଘରେ ରହୁଥିବା ବୃଦ୍ଧ, ବୟସ୍କ ବ୍ୟକ୍ତି ଓ ଶିଶୁମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଦୈନିକ ତିନିରୁ ଚାରି ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଲୋକମାନେ ତ୍ରାହି ତ୍ରାହି ଡାକୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ସମୟରେ ବିଦ୍ୟୁତ୍ କାଟ ହେବନାହିଁ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଏହି ନିର୍ଦ୍ଦେଶକୁ ଟିପିସିଓଡିଏଲ ବିଭାଗ ପକ୍ଷରୁ ଅବମାନନା କରାଯାଉଛି। ଯାହାକୁ ନେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନଅସନ୍ତୋଷ ଦିନକୁ ଦିନ ଉଗ୍ରରୂପ ଧାରଣା କରିଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାବ ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ଓ ଭୟଙ୍କର ଅଗ୍ନିବର୍ଷା ଜାରି ରହିଛି। ଏହିସମୟରେ ସ୍କୁଲ ବନ୍ଦ ହେତୁ ପିଲାମାନେ ମଧ୍ୟ ଘରେ ରହୁଛନ୍ତି। ଅଘୋଷିତ ବିଦ୍ୟୁତକାଟ ଯୋଗୁଁ ସବୁ ବର୍ଗର ଲୋକମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ସମସ୍ୟାକୁ ବଢ଼ାଇଦେଇଛି। ଏପରିକି ରାତିରେ ବାରମ୍ବାର ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟା ସହରବାସୀ ପ୍ରତିଦିନ ଭୋଗି ଚାଲିଥିଲେ ମଧ୍ୟ ଏଦିଗରେ ବିଭାଗୀୟ ଆନ୍ତରିକତା ଅଭାବରୁ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏପରିକି ଦିନରେ ବିଦ୍ୟୁତ୍ କାଟ ହେବା ଫଳରେ କୌଣସି ସରକାରୀ କାର୍ଯ୍ୟାଳୟରେ ଜନସାଧାରଣଙ୍କ କାମ ସୁଚାରୁରୂପେ କରାଯାଇ ପାରୁନାହିଁ। ତେବେ ଆକାଶରେ ବାଦଲ ଦେଖାଗଲେ କିମ୍ବା ଗଛର ପତ୍ର ଟିକେ ହଲିଲେ ଟିପିସିଓଡିଏଲ କର୍ତ୍ତୃପକ୍ଷ ସଂଗେ ସଂଗେ ବିଦ୍ୟୁତ୍ କାଟ କରୁଥିବା ଦେଖାଦେଇଛି।

ତେବେ ଅତୀତ ଅପେକ୍ଷା ବର୍ତ୍ତମାନ ବିଦ୍ୟୁତ୍ କାଟ ବଳିଯିବା ସହ ଛୋଟ ଛୋଟ ରକ୍ଷଣାବେକ୍ଷଣ କାର୍ଯ୍ୟ ଅଭାବରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଉଛି ବୋଲି ସୂଚନା ମିଳିଛି। ଏହି ସମୟରେ ଅଧିକ ଲୋଡ୍ ପଡ଼ିବା କାରଣରୁ ଟ୍ରିପ ହୋଇଯାଉଛି ବୋଲି କୁହାଯାଉଛି। ତେବେ ଅଧିକାଂଶ ସ୍ଥାନରେ ଏ. ବି. ସୁଇଚ୍ ଲାଗିନଥିବାରୁ ଛୋଟ ଛୋଟ ଅଘଟଣ ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇ ମରାମତି କାମ କରାଯାଉଛି। ଜିଲ୍ଲାରେ ଅଘୋଷିତ ବିଦ୍ୟୁତ୍ କାଟ ଦ୍ୱାରା ଡାକ୍ତରଖାନା, ବିଭିନ୍ନ ଘରୋଇ ଓ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ ହେବାରେ ବାଧା ସୃଷ୍ଟି ହୋଇଛି। ଗାଁ ଗହଳିରେ ଥିବା କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିଦ୍ୟୁତ୍ କାଟ ଦ୍ୱାରା ବିଶେଷ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଏହି ସମସ୍ୟା ଜାରୀ ରହିଲେ କମ୍ପାନୀ ବିରୋଧରେ ଆଗାମୀ ଦିନରେ 'ଉପକୂଳ ବିଦ୍ୟୁତ ଉପଭୋକ୍ତା ସଂଘ' ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ଚେତାନବୀ ଦେଇଛି।

---

### ● ବିଜେଡି ପକ୍ଷରୁ ବିଶ୍ୱାଳି ପଞ୍ଚାୟତରେ କର୍ମୀ ସମ୍ମିଳନୀ

# ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ



**ପାରାଦୀପ, ୫।୫(ସମିସ):** ପାରାଦୀପ ନିର୍ବାଚନ ମଣ୍ଡଳୀ ଅଧୀନ ବିଶ୍ୱାଳି ପଞ୍ଚାୟତର କୋଲଡିଆ ଗ୍ରାମରେ ବିଜେଡିର ଏକ କର୍ମୀ ସମ୍ମିଳନୀ ତଥା ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ସୁଢଳ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ କୁଜଙ୍ଗ ତଥା ପାରାଦୀପ, ଭୁତମୁଣ୍ଡାଇ ଓ ବିଶ୍ୱାଳି ଅଞ୍ଚଳର ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ। ଏହା ସହିତ ବିଶେଷକରି କୋଲଡିଆ ଗ୍ରାମର ଶହ ଶହ ଦଳୀୟ କର୍ମୀମାନେ ଏହି ବୈଠକରେ ଯୋଗଦେଇ ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ କହିଥିଲେ। ଏହି ବୈଠକରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବିଜେଡି କୁଜଙ୍ଗ ବ୍ଲକର କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, ସମାଜସେବୀ ବାଳକୃଷ୍ଣ ଜେନା, ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ପାରାଦୀପ ନିର୍ବାଚନମଣ୍ଡଳୀର ବିଜୁ ଯୁବ ଜନତା ଦଳର ସଭାପତି ମାନଭଞ୍ଜନ ମଲ୍ଲ, ସମାଜସେବୀ ରାଜକିଶୋର ପତି ଓ ନିତ୍ୟାନନ୍ଦ ପରିଡ଼ାଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

# ୩୦ ଲିଟର ମଦ ଜବତ; ବେପାରୀ ଗିରଫ



**ପାରାଦୀପ, ୫।୫(ସମିସ):** ପାରାଦୀପ ଅବକାରୀ ଥାନା ପୁଲିସ ଆଜି ପୂର୍ବାହ୍ନରେ ରାହମା ନିକଟ ତାରତଲରୁ ଜଣେ ମଦ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା ତାରତଲର ସୋମକାନ୍ତ ନାଥ (୪୭)। ତା' ନିକଟରୁ ୩୦.୨୪୦ ଲିଟର ମଦ ସହ ସେ ଚୋରା ମଦ ବ୍ୟବସାୟରେ ଲଗାଇଥିବା ଅଟୋକୁ ଜବତ କରିଛି ଅବକାରୀ ଥାନା ପୁଲିସ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

---

# ୫ରୁ ୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା

**ପାରାଦୀପ, ୫।୫(ସମିସ):** ୫ରୁ ୮ ତାରିଖ ପର୍ଯ୍ୟନ୍ତ ପାରାଦୀପ ସମୁଦ୍ରକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତିନିଦିନ ଧରି ସମୁଦ୍ରରେ ଉଠିବ ଉଚ୍ଚ ଜୁଆର, ଏହା ସହିତ ଚାଳିଶରୁ ପଚାଶ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଯାହାକୁ ନେଇ ପାରାଦୀପ ଅଞ୍ଚଳର ମତ୍ସ୍ୟଜୀବୀମାନେ ବସବାସ କରୁଥିବା ଅଞ୍ଚଳ ନେହେରୁବଙ୍ଗଳା, ବାଲିପ୍ଲଟ, ନୂଆବଜାର ଓ ଷଣ୍ଢକୁଦଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ସହାୟତାରେ ସତର୍କ ସୂଚନା ଜାରି କରାଯାଇଛି। ପାଞ୍ଚ ତାରିଖରୁ ଆଠ ତାରିଖ ମଧ୍ୟରେ ତିନିଦିନ ଧରି ସମୁଦ୍ର ଅଶାନ୍ତ ରହିବା କାରଣରୁ ମତ୍ସ୍ୟଜୀବୀମାନେ



ସମୁଦ୍ର ମଧ୍ୟରେ ମାଛ ଧରିବାକୁ ବାରଣ କରାଯିବା ସହିତ ସେମାନଙ୍କ ଯନ୍ତ୍ର ଚଳିତ ଡଙ୍ଗା ଓ ବୋଟ୍‌ଗୁଡ଼ିକୁ ଉଚ୍ଚ ସ୍ଥାନକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଲୋକମାନଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବିଶେଷ କରି ଷଣ୍ଢକୁଦ ଅଞ୍ଚଳରେ ରହୁଥିବା ଲୋକମାନେ ଯେହେତୁ ସମୁଦ୍ରକୂଳରେ ହିଁ ରହୁଛନ୍ତି, ସେମାନେ ଅଧିକ ଭୟଭୀତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

---

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଶୋଭାଯାତ୍ରା




**ଜଗତସିଂହପୁର, ୫।୫(ସମିସ):** ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର କଟକକୁ ସ୍ଥାନାନ୍ତର ନ କରିବା ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଏକ ଶୋଭାଯାତ୍ରା ଜଗତସିଂହପୁର ସହରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନର ଆବାହକ ଆଡଭୋକେଟ ବାସୁଦେବଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ ନିମାଇଁ ଭବନଠାରୁ ବଡ଼ବଜାର ପର୍ଯ୍ୟନ୍ତ ଏହି ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।
ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ୧୯୫୫ରେ ପ୍ରତିଷ୍ଠା ହୋଇଥିବା ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କଟକ ସ୍ଥାନାନ୍ତର ନ କରିବା ପ୍ରତିବାଦରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ସହରରେ ବିଭିନ୍ନ ସମୟରେ ଆନ୍ଦୋଳନ, ଅନଶନ, ପଦଯାତ୍ରା ଓ ବନ୍ଦ ପାଳନ କରାଯାଇଛି। ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଅଭିଯାନ ପକ୍ଷରୁ ସହରରେ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ଲୋକ ଯୋଗଦେଇ ହାତରେ ପ୍ଲା-କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ମେଡିକାଲ କଲେଜର ଆବଶ୍ୟକତା ସମ୍ପର୍କରେ ସେମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଇସ୍ରୋ ବୈଜ୍ଞାନିକ କିଶୋର ସାହୁ, ଦିଲ୍ଲୀପ ରଥ, ଶାଶ୍ୱତ କାନୁନଗୋ, ଦେବେନ୍ଦ୍ର ସାହୁ, ସାରଦା ରାୟ, ଅଶୋକ ସ୍ୱାଇଁ, ଭ୍ରମରବର ସ୍ୱାଇଁ, ଦେବେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

---

# ଶାରଳାମଣ୍ଡଳ କୈବର୍ତ୍ତ ମହାସଂଘ ପକ୍ଷରୁ ଡଙ୍ଗା ସମର୍ପଣ ଉତ୍ସବ



**ଜଗତସିଂହପୁର, ୫।୫(ସମିସ):** ମା' ଶାରଳାଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ବ୍ୟବହୃତ ହେଉଥିବା ଚାପଖେଳ ଡଙ୍ଗାଟି ଜରାଜୀର୍ଣ୍ଣ ହୋଇଯାଇଥିବାରୁ ସାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ତରଫରୁ ନୂତନ ଡଙ୍ଗା ପ୍ରଦାନ କରାଯାଇଛି। ଗତ କିଛି ମାସ ଧରି କୁଶଳୀ କାରିଗର ମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ଏକ ନୂତନ ଡଙ୍ଗାର ସମର୍ପଣ ଉତ୍ସବ ରବିବାର ଅପରାହ୍ନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ନୂତନ ଡଙ୍ଗାଟି ଶାରଳାପୀଠ କନକପୁର ବସନ୍ତବଗିଚା ନିକଟରେ ପହଞ୍ଚିବା ପରେ ମୂଳିସିଂହ, ଓଲେଇପଡ଼ା, ବିରିତୋଲ, ଜଗତସିଂହପୁର ପାଣିଶାଳିଆ, ପୂରଣ ବାସୁଦେଇପୁର ଓ କୁଜଙ୍ଗ ଗଣ୍ଡିକିପୁର ଅଞ୍ଚଳର କୈବର୍ତ୍ତ ସମ୍ପ୍ରଦାୟର ୧୦ଟି ବସ୍ତ୍ରମଣ୍ଡିତ ଘୋଡ଼ା ଏବଂ ନାଚ ଦଳ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ, ମାଆଙ୍କ ପୀଠ ସ୍ଥଳୀକୁ ପାଛୋଟି ନେଇଥିଲେ। ଘଣ୍ଟ ଘଣ୍ଟା କାହାଳୀ, ଢୋଲ, ମହୁରୀ, ନାମ ସଙ୍କୀର୍ତ୍ତନ ଓ ହରିବୋଲ ହୁଳହୁଳି ଧ୍ୱନିରେ, ଝଙ୍କଡ଼ର ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ମା' ସାରଳାଙ୍କ ପଣ୍ଡା ସେବକ ଓ ମନ୍ଦିର ପ୍ରଶାସନ ତରଫରୁ ଏହି ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ସମର୍ପଣ ଉତ୍ସବରେ ସାରଳା ମଣ୍ଡଳ କୈବର୍ତ୍ତ ମହାସଭାର ସଭାପତି ପ୍ରହ୍ଲାଦ ବେହେରା, ପୂର୍ବତନ ସଭାପତି କୈଳାଶ ବେହେରା, ଅକ୍ଷୟ ବେହେରା, ପ୍ରସନ୍ନ ବେହେରା, ମନୋରଞ୍ଜନ ପଳାଇ, ଅମର ବେହେରା ଓ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ।



---

### ● ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ

# ବିଜେଡିରେ ମିଶିଲେ ୫୦ ପରିବାର



**ଆଳି, ୫।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦିଗୋଛିଆ ମଠ ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବରିଷ୍ଠ ନେତା ଅଭିମନ୍ୟୁ ବିଶ୍ୱାଳ ଓ ଯୁବ ନେତା ବିନୋଦ ବେହେରାଙ୍କ ନେତୃତ୍ୱରେ ଆଳି ବ୍ଲକ ନିଆଳ ପଞ୍ଚାୟତର ସାଳିଅଞ୍ଚ ଗ୍ରାମର ୫୦ ପରିବାର ବିଜେପି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଆଳି ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ବିଜେଡିରେ ସାମିଲ କରିଥିଲେ। ଏହି ଅବସରରେ ସଂଗଠକ ବିନୋଦ ବେହେରା ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଆଳିର ସର୍ବମାନ୍ୟ ନେତା ପ୍ରତାପ ଦେବଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ସେମାନେ ପଞ୍ଚାୟତର ବିକାଶ ପାଇଁ ବିଜେଡିରେ ସାମିଲ ହେଲେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଦେବ କହିଥିଲେ ସାଳିଅଞ୍ଚର ସର୍ବାଙ୍ଗୀନ ବିକାଶ ପାଇଁ କୃଷି ଓ ଗମନାଗମନ କ୍ଷେତ୍ରରେ ବହୁବିଧ ପଦକ୍ଷେପ ନିଆଯାଇଛି। ରାସ୍ତା, ସ୍କୁଲ ନିର୍ମାଣ ଓ ପାନୀୟ ଜଳ ଆଉ ଏକ ସମସ୍ୟା ହୋଇ ନାହିଁ। ନୂତନ ଭାବେ କିଛି କାର୍ଯ୍ୟ କରାଯିବ। କଲ୍ୟାଣମଣ୍ଡପ, ପଡ଼ିଆର ଉନ୍ନତିକରଣ ଆଦି କାର୍ଯ୍ୟ କରାଯିବ। ସମସ୍ତେ ସେଥିରେ ସାମିଲ ହେଲେ ବିକାଶ ତ୍ୱରାନ୍ୱିତ ହେବ। ଏବେ ନିର୍ବାଚନ ପ୍ରକ୍ରିୟା ଚାଲି ଥିବାରୁ ସମସ୍ତେ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ମିଶ୍ରଣ ପର୍ବରେ ବରିଷ୍ଠ କର୍ମୀ ଦେବାଶିଷ ସିଂ, ନିରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ବେହେରା, ସୌମ୍ୟରଞ୍ଜନ ରାଉତ, ବସନ୍ତ ସ୍ୱାଇଁ, ପରମେଶ୍ୱର ସ୍ୱାଇଁ, ସୂର୍ଯ୍ୟମଣି ସ୍ୱାଇଁ, ବିକ୍ରମ ଧଳ, ବିଜୟ ବେହେରା, ନିର୍ମଳ ରାଉତ, ଶୁଭମ ସାମଲ, ଦତ୍ତାତ୍ରେୟ ସାମଲ, ପ୍ରସନ୍ନ ପରିଡ଼ା ଓ ଆଲୋକ ପରିଡ଼ା ପ୍ରମୁଖ ୫୦ ପରିବାର ସାମିଲ ହୋଇଥିଲେ। ସେହି ଭଳି କଳସପୁର ପଞ୍ଚାୟତର ଯୁବ ନେତା ଅଜିତ ଦାସ, ୱାର୍ଡ ସଭ୍ୟ ସୁଶାନ୍ତ ସେଠୀ, ମନୋଜ ଦାସ ଓ ପ୍ରଭାକର ଦାସ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ମଧ୍ୟ ମନ୍ତ୍ରୀ ଶ୍ରୀ ଦେବ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ନିଆଳ ସରପଞ୍ଚ ଅଶୋକ ମଲ୍ଲିକ, ସମବାୟ ସଭାପତି ରବୀନ୍ଦ୍ର ଲେଙ୍କା, କଳସପୁର ସରପଞ୍ଚ ସୁଧୀର ମଲିକ ଓ ପୂର୍ବତନ ସରପଞ୍ଚ ରତ୍ନକାନ୍ତ ନାୟକ ଉପସ୍ଥିତ ଥିଲେ।

---

## ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ମୁଦୁପୁର, ପଲ୍ଲୀ ଓ ମଣ୍ଡାସାହିରେ ବିଜେଡିର ମିଶ୍ରଣ ପର୍ବ







ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଉପସ୍ଥିତିରେ ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

## କେନ୍ଦ୍ରାପଡ଼ା ବ୍ଲକ ବିଜେଡିର କର୍ମୀ ସମାବେଶ

# 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ଆହ୍ୱାନ





**କେନ୍ଦ୍ରାପଡ଼ା,୫।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ଗ୍ରାମପଞ୍ଚାୟତ ଅନ୍ତର୍ଗତ ହଳଦୀଡିଅଠାରେ ବ୍ଲକସ୍ତରୀୟ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ ଜିଲ୍ଲା ବିଜେଡି ସଭାପତି ଧିରେନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଆଲୋକ ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସମାବେଶରେ ଦଳର ପୁରାତନ ଓ ନବାଗତ କାର୍ଯ୍ୟକର୍ତ୍ତା, କର୍ମୀ ଓ ଲୋକପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଉଦ୍‌ବୋଧନ ଦେଇ କେନ୍ଦ୍ରାପଡ଼ାର ବିକାଶ ଓ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସଂକଳ୍ପ ନେବା ସହ ଉପସ୍ଥିତ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ମଞ୍ଚାସୀନ ନେତୃମଣ୍ଡଳୀ ରାଜେଶ ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଗାଶୀଷ ମହାନ୍ତି, ସଂଯୋଜକ ଚିତ୍ରସେନ ପରିଡା, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିନତ୍ ପ୍ରିୟଦର୍ଶିନୀ ରାଉତ, ମହିଳା ବ୍ଲକ ସଭାପତି ସୁମିତ୍ରା ପାଢୀ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ମଧୁଛନ୍ଦା ମହାନ୍ତି, ଲିଲିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, 'ଓଡ଼ିଶା-ମୋ ପରିବାର' ଜିଲ୍ଲା ସଂଯୋଜକ ହିରଣ୍ୟ ପଣ୍ଡା, ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଚନ୍ଦନ, କିଷାନ ନେତା ନାରାୟଣ ଚନ୍ଦ୍ର ପରିଡା, ପରଭେଜ ଅଖତର, ପ୍ରଭାତ ଉଡାଣସିଂ, ରତିକାନ୍ତ ସାମଲ, ପ୍ରଦ୍ୟୁମ୍ନ ଜେନା, ସୁବନି ସାହୁ, ଶିବପ୍ରସାଦ ବିଶ୍ୱାଳ, ରାଜ୍ୟ ସମ୍ପାଦିକା ଭକ୍ତିମୟୀ କର, ଜିଲ୍ଲା ମହିଳା ଉପସଭାପତି ମିନତୀ ପରିଡା, ରାଜ୍ୟ ମହିଳା ସମ୍ପାଦିକା ଲୋପାମୁଦ୍ରା ବାରିକ, ରବୀନ୍ଦ୍ର କୁମାର ପଣ୍ଡା, ନାରାୟଣ ପତି, ମମତାରାଣୀ ଧଳ, ବ୍ଲକ ଯୁବ ସଭାପତି ସଙ୍ଗମ ସାମଲ, ବ୍ଲକ ଛାତ୍ର ସଭାପତି ପ୍ରକାଶ ସାହୁ, ରାଜ୍ୟ ସମ୍ପାଦକ ରଣଜିତ କୁମାର ସାହୁ, ଲୋହିତ ମହାନ୍ତି, ପ୍ରମୋଦ ପ୍ରଧାନ, ନାରାୟଣ ସ୍ୱାଇଁ, ରାଜୁ କୁବେର, ରଞ୍ଜନ ଦାସ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଉଭୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ବହୁ ଭୋଟ ବ୍ୟବଧାନରେ ଜିତାଇବାକୁ ନିବେଦନ କରିଥିଲେ। ଶେଷରେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିରେ ସାମିଲ ହେଲେ ବିଜେପି ସମର୍ଥିତ ସରପଞ୍ଚ




**ରାଜନଗର,୫।୫(ସମିସ):** ରାଜନଗର ବ୍ଲକ ଖମାରସାହି ପଞ୍ଚାୟତର ସରପଞ୍ଚ ଅନୁସୂୟା ବିଶ୍ୱାଳଙ୍କ ସମେତ ତାଙ୍କ ସମର୍ଥକମାନେ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଘୋଷଣା କରିବାର ୨୦ ଦିନ ପରେ ବି ପ୍ରଚାର ଆରମ୍ଭ କରିପାରୁନଥିବା ବେଳେ ସରପଞ୍ଚ ଦଳ ଛାଡ଼ିବା ଘଟଣା ବିଜେପି ପାଇଁ ଅଡୁଆ ସୃଷ୍ଟି କରିଛି। ଗତକାଲି ଡାଙ୍ଗମାଳ ପଞ୍ଚାୟତର ବରାଡିଆଠାରେ ଅର୍ଥାତ୍ ବିଜେପି ପ୍ରାର୍ଥୀଙ୍କ ଗାଁରେ ବିଜୁ ଜନତା ଦଳର ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଖମାରସାହି ସରପଞ୍ଚ ଶ୍ରୀମତୀ ବିଶ୍ୱାଳ, ତାଙ୍କ ସ୍ୱାମୀ ତଥା ବରିଷ୍ଠ ବିଜେପି ନେତା ସମୀର ପ୍ରକାଶ ବେହେରା, ନାଏବ ସରପଞ୍ଚ ଚକ୍ରଧର ମଣ୍ଡଳ, ୱାର୍ଡସଭ୍ୟା ବେବିଲତା ନାୟକ, ଅନୁପମା ମହାନ୍ତିଙ୍କ ସମେତ ବରିଷ୍ଠ ନେତା ରାମଚନ୍ଦ୍ର ନାୟକ, ରୁଦ୍ର ନାରାୟଣ ଦାସ, ଚନ୍ଦ୍ର ଶେଖର ସେଠୀ, ଅଭିମନ୍ୟୁ ଜେନା, ନୃସିଂହ ଦାସ, କାଶିନାଥ ଦାସ, ହାଡିବନ୍ଧୁ ଦାସ, ଟିମା ନାୟକ, ତ୍ରିଲୋଚନପୁରର ପୂର୍ଣ୍ଣଚନ୍ଦ୍ର ଡିଙ୍ଗାଲ, କୃଷ୍ଣନଗରର ମଣ୍ଟୁ ମଣ୍ଡଳ, ସୁବର୍ଣ୍ଣପୁରର ଅର୍ଜୁନ ଜାନା ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସରପଞ୍ଚଙ୍କୁ ତାଙ୍କ ସମର୍ଥକମାନେ ବାଜା ବଜାଇ, ବାଣ ଫୁଟାଇ ଶୋଭାଯାତ୍ରାରେ ସଭା ନିକଟକୁ ପାଛୋଟି ଆଣିଥିଲେ। ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ବିଜୁ ଜନତା ଦଳକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖମାରସାହି ପଞ୍ଚାୟତର ପର୍ଯ୍ୟବେକ୍ଷକ ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ରଘୁନାଥ ବେହେରା, ରମେଶ ଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ମାନ୍ନା, ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ନେତା ଧରଣୀଧର ଦାସ, ବିଜୟ ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ରତିକାନ୍ତ ସେଠୀ, ଉପେନ୍ଦ୍ର ନାଥ ସ୍ୱାଇଁ, ବିକ୍ରମ ସେଠୀ, କାଳିପଦ ମଣ୍ଡଳ, ରମାକାନ୍ତ କରଣ, ରବୀନ୍ଦ୍ର କୁମାର ସିଂ, ବିଦ୍ୟୁଭୂଷଣ ବେହେରା, ପବିତ୍ର କରଣ, ନଳିନୀ ମହାନ୍ତି, ବେଣୁଧର ମହାନ୍ତି, ଦିଲ୍ଲୀପ ମଣ୍ଡଳ, ଶକ୍ତିପଦ ମଣ୍ଡଳ, ଶ୍ରୀକାନ୍ତ ଦାସ, ବୁଦ୍ଧିରାମ ସେଠୀ, ଅର୍ଜୁନ ମଣ୍ଡଳ, ଶଙ୍କର କରଣ, ବିଜୟ ବେହେରା, ତପନ ଗନ୍ତାୟତ, ଅଜୟ ସାହୁ, ସୁକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ୩୨ନଂ ଜୋନ୍ ମଧ୍ୟରୁ କେବଳ ଖମାରସାହି ପଞ୍ଚାୟତରେ ବିଜେପି ସମର୍ଥିତ ଅନୁସୂୟା ବିଶ୍ୱାଳ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ବିଜେପି ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ଘର ଏହି ୩୨ନଂ ଜୋନ୍‌ର ଡାଙ୍ଗମାଳ ପଞ୍ଚାୟତର ବରାଡିଆ ଗାଁରେ। ଗତକାଲି ସରପଞ୍ଚ ସେମାନଙ୍କ ସମର୍ଥକଙ୍କ ସହ ବିଜେପି ଛାଡ଼ି ବିଜେଡିରେ ଯୋଗଦେବା ପରେ ରାଜନଗର ବିଜେପି ଗଣିତ ବିଗିଡ଼ିବାରେ ଲାଗିଛି।

## ବଳଭଦ୍ରପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



**ପଟ୍ଟାମୁଣ୍ଡାଇ,୫।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି। ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ ଏକ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ କୋଟି କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏଥିରେ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ବାଇ, ବରିଷ୍ଠ ନେତା ପଞ୍ଚାନନ ଧଳ, ଜିଲ୍ଲା ବିଜେଡି ଉପସଭାପତି ସୁବାସ ଦାସ, ସରପଞ୍ଚ ପ୍ରିୟବ୍ରତ ଓଝା, ବରିଷ୍ଠ ନେତା ସରୋଜ ଧଳ(କାବୁଲି), ଜିଲ୍ଲା ଯୁବ ବିଜେଡି ସମ୍ପାଦକ ସୁବ୍ରତ ରାଉଳ, ସମିତି ସଭ୍ୟ କୈଳାଶ ପରିଡା, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ବେହୁରା, ବରିଷ୍ଠ ନେତା ମାଗୁଣି ଲେଙ୍କା, ୧୮ନଂ ଜୋନ୍ ଜିଲ୍ଲା ପରିଷଦ ପ୍ରତିନିଧି ସମୀର ମଲିକ, ସୁବୋଧ ପରିଡା, ବିନାୟକ ପଣ୍ଡା, ବାସୁଦେବ ପାତ୍ର ପ୍ରମୁଖ କେନ୍ଦ୍ରାପଡ଼ା ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ଶେଷରେ ରାମ ଚନ୍ଦ୍ର ବାଇ ଧନ୍ୟବାଦ ଦେଇଥିଲେ। ଏଥିରେ କାବୁଲି ଧଳଙ୍କ ନେତୃତ୍ୱରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

**● ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ**

## ମହିଳାଙ୍କୁ ନ୍ୟାୟ ମିଳୁ ନଥିବା ଅଭିଯୋଗ



**ରାଜକନିକା,୫।୫(ସମିସ):** ପୁଲିସ ମାମଲା ଦେଇ ନିଷ୍କ୍ରିୟ ରହିବା ପଡ଼ିଲା ମହଙ୍ଗା। ଜୋର୍ ଜବରଦସ୍ତ ସ୍ଥିତିବାନ ଜାଗାକୁ ଦଖଲ କରିନେଇ ମାଟି ପକାଇ କଲେ ମରଣାନ୍ତକ ଆକ୍ରମଣ। ତେବେ ସବୁଠି ନିରାଶ ହୋଇ ଏସ୍‌ପିଙ୍କୁ ଦେଖା କଲା ପରେ ବି ନା ଅଛି କାର୍ଯ୍ୟାନୁଷ୍ଠାନ ନା ସେମାନେ ପାଉଛନ୍ତି ନ୍ୟାୟ। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜକନିକା ଥାନା ଅଧୀନ କୋଇଲିପୁର ଗ୍ରାମପଞ୍ଚାୟତର ସଂଗ୍ରାମପୁରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଶ୍ରୀମତୀ ନାୟକ, ସ୍ୱାମୀ ଭାଗିରଥି ନାୟକଙ୍କ ପରିବାରର ନିଜ ସ୍ଥିତିବାନ ମୌଜା ତ୍ରୈଲୋକ୍ୟପୁର ସମ୍ପତ୍ତିକୁ ତ୍ରୈଲୋକ୍ୟପୁର ଗ୍ରାମର କେତେକ ମୁଷ୍ଟିମେୟ ଲୋକମାନେ ଜୋର୍ ଜବରଦସ୍ତ ଭାବେ ନିଜ ଦଖଲକୁ ନେବା ପାଇଁ ଉଦ୍ୟମ କରିଥିଲେ। ଘରେ ବିବାହିତା ଝିଅକୁ ଛାଡ଼ି ବନ୍ଧୁ ଘରକୁ ଯାଇଥିବାର ସୁଯୋଗ ନେଇ ଉକ୍ତ ମୁଷ୍ଟିମେୟ ଲୋକମାନେ ଟ୍ରାକ୍ଟର ମାଧ୍ୟମରେ ମାଟି ପକାଇ ଥିଲେ। ଏହି ସମୟରେ ଝିଅ ଭିଡିଓ କରିବା ସମୟରେ ଅତର୍କିତ ମରଣାନ୍ତକ ଆକ୍ରମଣ କରି ପାଖରେ ଥିବା ପୁଅକୁ ମାଡ଼ ମାରି ଘରେ ପୂରାଇ ଦେଇଥିଲେ। ଖବର ପାଇ ଶ୍ରୀମତୀ ନାୟକ ପହଞ୍ଚିବା ମାତ୍ରେ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଆମ୍ବୁଲାନ୍ସ ସାହାଯ୍ୟରେ ମେଡିକାଲ ଆସି ଚିକିତ୍ସିତ ହୋଇ ସେ ରାଜକନିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଥାନା କର୍ମଚାରୀ ପହଞ୍ଚି ତଦନ୍ତ କରି ଏକ ମାମଲା ରୁଜୁ କରି ନିଜ ଦୋଷ ଛଡ଼ାଇ ଦେଇଥିଲେ। ତେବେ ଏ ପର୍ଯ୍ୟନ୍ତ ଆକ୍ରମଣକାରୀଙ୍କୁ ପୁଲିସ ଗିରଫ ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହା ଫଳରେ ସେମାନେ ଗ୍ରାମରେ ଖୁଲମ୍‌ଖୁଲା ବୁଲୁଥିବା ବେଳେ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ଶ୍ରୀମତୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## କଂଗ୍ରେସ ଜାତୀୟ ମୁଖପାତ୍ରଙ୍କ ପାରାଦୀପ ଗସ୍ତ

**ପାରାଦୀପ,୫।୫(ସମିସ):** କଂଗ୍ରେସ ନିର୍ବାଚନ ଇସ୍ତାହାର ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳର ଜାତୀୟ ମୁଖପାତ୍ର ପ୍ରଭାତ କୁମାର ପାରାଦୀପ ଆସିଥିଲେ। ପାରାଦୀପସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରଭାତ କୁମାର ପହଞ୍ଚିବା ପରେ ପାରାଦୀପ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ନାୟକ ତାଙ୍କୁ ସ୍ୱାଗତ କରିଥିଲେ। ଦଳୀୟ କର୍ମୀମାନେ ମଧ୍ୟ ଜାତୀୟ ମୁଖପାତ୍ର ପ୍ରଭାତ କୁମାରଙ୍କୁ ସ୍ୱାଗତ କରିଥିଲେ। କଂଗ୍ରେସ୍ ଦଳ କ୍ଷମତାକୁ ଆସିଲେ ବେକାର ଯୁବକମାନଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେବ। ପାରାଦୀପବାସୀ ପିଇବାକୁ ପାଣି ପାଉନଥିବା ବେଳେ କେନ୍ଦ୍ର ସରକାରଙ୍କ ସ୍ମାର୍ଟ ବନ୍ଦର କୁଆଡ଼େ ଗଲା ବୋଲି ପ୍ରଭାତ କୁମାର ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ପ୍ରାର୍ଥୀ ରବୀନ୍ଦ୍ର ସେଠୀ, ବିଧାନସଭା ପ୍ରାର୍ଥୀ ନିରଞ୍ଜନ ନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ରାଜ୍ୟ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ଚୌଧୁରୀ, ପାରାଦୀପ ପୌରପାଳିକାର ପାରିଷଦ କେଦାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡିମିରିପାଳରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ଗୋବିନ୍ଦପୁର,୫।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ପଞ୍ଚାୟତରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ବିକାଶମୂଳକ କାର୍ଯ୍ୟ, ଅଞ୍ଚଳର ବିକାଶ, ବିଭିନ୍ନ ସରକାରୀ ଯୋଜନାର ସୁଫଳ ଲୋକେ ପାଉଥିବା କହି ନେତୃ ମଣ୍ଡଳୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା କନକଲତା ବେହେରା, ସରପଞ୍ଚ ଶିବ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ପଞ୍ଚାୟତର ଶତାଧିକ ସମର୍ଥକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।






**ଜଳଛତ୍ର ଭେଳିକି**

## ଭାଡ଼ି ଅଛି; ପାଣି ହାଣ୍ଡି ନାହିଁ

**ରାଜକନିକା,୫।୫(ସମିସ):** ଅସହ୍ୟ ଖରା ଗରମରୁ ରକ୍ଷା ପାଇବା ପାଇଁ ସରକାରୀ ଭାବେ ପ୍ରତି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲା ଯାଇଛି। ଫଳରେ ପଥଚାରୀ ତୃଷ୍ଣା ମେଣ୍ଟାଇ ପାରିବେ। ଏଥିପାଇଁ ବି କିଛି ବ୍ୟୟବରାଦ ରହିଛି। ମାଟି ହାଣ୍ଡି କିମ୍ବା ମାଠିଆରେ ପାଣି ରଖାଯିବାର ପ୍ରାବଧାନ ରହିଛି, ତାହା ପୁଣି ପରିଷ୍କାର ପରିଚ୍ଛନ୍ନତା ସହିତ। ଦୈନିକ ମାଟି ହାଣ୍ଡିରେ ପାଣି ଭରା ଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ଏଭଳି ନିର୍ଦ୍ଦେଶକୁ କେତେକ ସ୍ଥାନରେ ପାଳନ ହେଉ ନ ଥିବାର ଅଭିଯୋଗ ହେଉଛି। ଓଲାଭର ପଞ୍ଚାୟତ ଦେଉଳ ସାହି ଗାଁ ମୁଣ୍ଡରେ ଥିବା ଏହି ଜଳଛତ୍ର ହିଁ ସୂଚାଉଛି ଯେ ପଞ୍ଚାୟତ ପ୍ରଶାସନ ଏଥିନେଇ କେତେ ସଚେତନ ରହିଛି। ଅଭିଯୋଗ ଅନୁସାରେ ଭାଡ଼ି ଉପରେ ଏକ ପାଣି ହାଣ୍ଡି ରହିଥିଲେ ବି ତାହା ଏବେ କୁଆଡ଼େ ଉଭାନ ହୋଇଯାଇଛି। ଫଳରେ ମାଟି ହାଣ୍ଡି ନ ଥିବା ଜଳଛତ୍ର ଏଠାରେ ପ୍ରହସନ ପାଲଟି ଯାଇଛି। କେବଳ ପୋଷ୍ଟରରେ ଜଳଛତ୍ର ବୋଲି ଶୋଭା ପାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ମଧ୍ୟ ହେଉଛି। ଏହା ସହିତ ବିଭିନ୍ନ ସ୍ଥାନରେ ବସିଥିବା ଜଳଛତ୍ର କେଉଁଠି ଖୋଲା ପାଣି ହାଣ୍ଡି ପଡ଼ିଛି ତ କେଉଁଠି ରିତିମତ ପାଣି ପଶୁ ନାହିଁ। ଯାହାଫଳରେ ଜଳଛତ୍ର ଭେଳିକିରେ ପଥଚାରୀ ସିନା ନିରାଶ ହେଉଛନ୍ତି, ହେଲେ ଏଥିନେଇ ପଞ୍ଚାୟତର ତିଳେ ମାତ୍ର ନିଘା ରହୁନି ବୋଲି ଅଭିଯୋଗ ହେଉଛି। ତୁରନ୍ତ ଏଭଳି ଅନିୟମିତତାକୁ ବ୍ୟବସ୍ଥିତ କରିବାକୁ ଦାବି ହେଉଛି।

# ପୂର୍ତ୍ତ ବିଭାଗ ରାସ୍ତା ନିକଟ ଜଙ୍ଗଲରେ ନିଆଁ



**କିଶୋରନଗର, ୫।୫(ସମିସ):** ବଇଣ୍ଡା -ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଧଣ୍ଡାତୋପା ରେଞ୍ଜ ଅନ୍ତର୍ଗତ ଝରଝରି ଘାଟି ରାସ୍ତା କଡ଼ ଜଙ୍ଗଲରେ ଦିନକୁ ଦିନ ନିଆଁ ଲାଗିବାର ଦୃଶ୍ୟ ଦେଖିବାକୁ ମିଳିଛି। ଦିନକୁ ଦିନ ଏବେ ପ୍ରଚଣ୍ଡ ଖରାରେ ତାପମାତ୍ରା ବଢୁଥିବା ବେଳେ ଜଙ୍ଗଲରେ ଦିନବେଳା ନିଆଁ ଲାଗୁଥିବା ଯୋଗୁଁ ତାପମାତ୍ରା ଆହୁରି ଦ୍ୱିଗୁଣିତ ହୋଇପଡୁଛି। ବନବିଭାଗର କର୍ମଚାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଥିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଜଙ୍ଗଲରେ ଦିନବେଳା ନିଆଁ ଲାଗୁ ଥିଲେ ହେଁ ବନବିଭାଗ କର୍ମଚାରୀମାନେ ନିଆଁ ଲିଭାଉ ନଥିବା ଯୋଗୁଁ ଚାରିଆଡ଼େ ନିଆଁ ମାଡ଼ି ଯାଉଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଡାକ୍ତର



**ଆଠମଲ୍ଲିକ, ୫।୫(ସମିସ):** ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାର କାର୍ଯ୍ୟରତ ଡାକ୍ତର ପିନାଲି ଦାଶ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଥିବାରୁ ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସେ ତାଙ୍କର ଜନ୍ମଦିନରେ କୌଣସି ପ୍ରକାର ଆଧୁନିକ କାର୍ଯ୍ୟକ୍ରମ ନକରି ସ୍ଥାନୀୟ ବାଳାଶ୍ରମରେ ଛାତ୍ରଙ୍କ ସମ୍ମୁଖରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ଛାତ୍ରମାନଙ୍କୁ ଖରାଦିନ ଉପଲକ୍ଷେ ଚପଲ ଓ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଛାତ୍ରମାନଙ୍କୁ ସୁସ୍ୱାଦୁ ଖାଦ୍ୟ ପରସି ଆତ୍ମ ସନ୍ତୋଷ ଲାଭ କଲି ବୋଲି ଶ୍ରୀମତୀ ଦାଶ ପ୍ରକାଶ କରିଥିଲେ। ଡାକ୍ତର ତାଙ୍କର ଜନ୍ମଦିନ ବାଳାଶ୍ରମ ଭିତରେ ପାଳନ କରିଥିବାରୁ ଛାତ୍ରମାନେ ବେଶ ଖୁସିଥିବା ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଦାଶଙ୍କ ସମେତ ଛାତ୍ର, ବାଳାଶ୍ରମର କର୍ମଚାରୀବୃନ୍ଦ ଓ ମେଡିକାଲ ଷ୍ଟାଫ୍ ଲିପିକା ତ୍ରିପାଠୀ ଉପସ୍ଥିତ ଥିଲେ।

## ମାଟିରେ ପୋତି ହୋଇଗଲେଣି ଗ୍ରାମ ଦେବତୀ



**କବାଟବନ୍ଧ, ୫।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାଲିକୁଦିଆ ଗ୍ରାମରେ ପୂଜା ପାଉଥିବା ଗ୍ରାମ ଦେବତୀଙ୍କ ସ୍ଥାନକୁ ନେଇ ଭକ୍ତ ଓ ଶ୍ରଦ୍ଧାଳୁ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କବାଟବନ୍ଧ-କଳାଣ୍ଡ ନଦୀବନ୍ଧ ରାସ୍ତାର ଅନ୍ଧାରଗୋଡ଼ି ଛକ ନିକଟରେ ପୂଜା ପାଉଛନ୍ତି ଗ୍ରାମ ଦେବତୀ ମା' ଅନ୍ଧାରଗୋଡ଼ି ଠାକୁରାଣୀ। ମା'ଙ୍କ ଆସ୍ଥାନର ଉଭୟ ପାର୍ଶ୍ୱରେ ଦୁଇଟି କଳା ଓ ଧଳା ଘୋଡ଼ା ରହିଛନ୍ତି। ମା' ଏହି ଘୋଡ଼ା ନେଇ ରାତିରେ ବୁଲିବାକୁ ଯାଆନ୍ତି ବୋଲି ଶୁଣାଯାଏ। ପ୍ରତ୍ୟକ୍ଷ ଦେବୀ ଭାବେ ସ୍ଥାନୀୟ ଅଞ୍ଚଳରେ ମା'ଙ୍କ ମହିମା ରହିଛି। ନଦୀବନ୍ଧ ରାସ୍ତାକୁ ଲାଗି ମା'ଙ୍କ ମନ୍ଦିର ହୋଇଥିବାରୁ ଅନେକ ସମୟରେ ରାସ୍ତାକୁ ମରାମତି ବା ସମ୍ପ୍ରସାରଣ କରାଯାଉଛି। ଏହି ସ୍ଥାନରେ ରାସ୍ତା ଚଉଡା କରିବା ପାଇଁ ଅନୁମତି ରହିଛି। କିନ୍ତୁ ଠିକା ସଂସ୍ଥା ଏଠାରେ ରାସ୍ତା ଚଉଡା ନ କରି ଛାଡ଼ି ଦେଉଛନ୍ତି। କାମ କରୁଥିବା ସମୟରେ ଏଥିପ୍ରତି ଯତ୍ନବାନ ହେଉନାହାନ୍ତି। ଯଦ୍ୱାରା ରାସ୍ତାକୁ ଲାଗି ରହିଥିବା ମା'ଙ୍କ ସ୍ଥାନ ଏହା ଦ୍ୱାରା ମାଟି ଗୋଡ଼ିରେ ପୋତି ହୋଇଯାଉଛି। ଯାହାକୁ ନେଇ ଭକ୍ତଙ୍କ ଭାବାବେଗକୁ ଆଘାତ କରୁଛି। ଅନେକ ସ୍ଥାନରେ ପ୍ରଶାସନିକ ସ୍ତରରେ ମଠ, ମନ୍ଦିରର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଏଠାରେ କାହାର ନଜର ପଡୁନାହିଁ। ତୁରନ୍ତ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅବାଧରେ ଚାଲିଛି ଘରୋଇ ପ୍ରଶିକ୍ଷଣ କେନ୍ଦ୍ର

**ଢେଙ୍କାନାଳ, ୫।୫ (ସମିସ) :** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଳଦିଆପାଳ ଗ୍ରାମରେ ଚାଲିଛି ଏହି ଘରୋଇ ପ୍ରଶିକ୍ଷଣ କେନ୍ଦ୍ର। ତେବେ ଏଠାରେ ଚାଲିଥିବା ବିଦ୍ୟାପତି ଟିଉଟୋରିଆଲ ସେଣ୍ଟରରେ କୌଣସି ପିଲାଙ୍କ ପେନ ନଂ ପଞ୍ଜୀକରଣ ହୋଇ ନଥିବା ଖବର ମିଳିଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ବାହାରୁଥିବା ଛାତ୍ରଛାତ୍ରୀ ଅନ୍ୟ କୌଣସି ସ୍କୁଲରେ ନାମ ଲେଖାଇ ପାରୁନାହାନ୍ତି। ସମ୍ପୂର୍ଣ୍ଣ ଜାଲିଆତି ଢଙ୍ଗରେ ଏହି ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ଚାଲିଥିବା ଶୁଣିବାକୁ ମିଳିଛି। ବ୍ଲକସ୍ତରୀୟ ଶିକ୍ଷାଧିକାରୀଙ୍କ ସହଯୋଗରେ ଏହା ଚାଲିଥିବା ମଧ୍ୟ ଶୁଣିବାକୁ ମିଳିଛି। ଖବର ପ୍ରକାଶିତ ହେବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ହୋଇ ରହିବା ବୁଦ୍ଧିଜୀବୀଙ୍କୁ ବିସ୍ମୟ କରିଥିବା ବେଳେ ଏହା ସୁଚିନ୍ତିତ ଢଙ୍ଗରେ ଦୀର୍ଘବର୍ଷ ଧରି କିପରି ଚାଲିଛି, ତାହା ତଦନ୍ତ ସାପେକ୍ଷ। କୌଣସି ମୌଳିକ ସୁବିଧା ନଥାଇ ପ୍ରାୟ ୭୦ ପିଲାଙ୍କୁ କିପରି ସେଠାରେ ପ୍ରଶିକ୍ଷଣ ଦିଆଯାଉଛି ଏବଂ ଏଥିରେ ପ୍ରଶାସନ ଚୁପ୍ ହୋଇ ବସିରହିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

● ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା

# ଯାର୍ ବଇଣ୍ଡାର ୪୨ ତମ ବାର୍ଷିକ ଉତ୍ସବ



**କିଶୋରନଗର, ୫।୫(ସମିସ):** ଯାର୍ ବଇଣ୍ଡାର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାର ବଇଣ୍ଡାର ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକ ଆଜିର ରାଜନୈତିକ ପୃଷ୍ଠଭୂମିକୁ ଆଧାର କରି ତାଙ୍କର ପ୍ରସ୍ତାବିତ ମନ୍ତବ୍ୟ ପ୍ରଦାନ କରିଥିଲେ ଯେ, ପ୍ରତ୍ୟେକ ରାଜନୈତିକ ଦଳ ଗଠନରେ ଓ ପରିଚାଳନାରେ ଗଣତନ୍ତ୍ରର ମୌଳିକ ବ୍ୟବସ୍ଥା ବାଧାପ୍ରାପ୍ତ। ଆଜିର ଜାତୀୟ ଓ କ୍ଷେତ୍ରିୟ ଦଳ ଗୁଡିକ କିଛି ବଛା ବଛା ଲୋକଙ୍କ ଆଧିପତ୍ୟର ଶିକାର ହୋଇଥିବା ଓ ଅଣ ଗଣତାନ୍ତ୍ରିକ ଚିନ୍ତାଧାରା ଉପରେ ଆଧାରିତ। ଏଣୁ ନିଜସ୍ୱ ସ୍ୱାର୍ଥ ସାଧନା ପାଇଁ ଗଣତନ୍ତ୍ର ହତ୍ୟା ହୋଇଛି। ଏହାର ପ୍ରଭାବ ଦେଶର ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ପାଇଁ ବାଧ୍ୟତାମୂଳକ ହୋଇପଡିଛି। ମୁଖ୍ୟଅତିଥିଭାବେ ବିଜୟ କୁମାର ଦେଓ କହିଛନ୍ତି ଯେ, ଯୁବ ପିଢିକୁ ଗାନ୍ଧୀଙ୍କ ମାର୍ଗରେ ପରିଚାଳିତ ହେବା ପାଇଁ ଅନୁପ୍ରାଣିତ କରିବା ଉଚିତ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ରବି ବେହେରା ଯୋଗଦେଇ କହିଲେ ଯେ, ଗ୍ରାମ ସ୍ୱରାଜକୁ ପ୍ରାଧାନ୍ୟ ଦେଲେ ଦାଦନ ଶ୍ରମିକ ଚାଲାଣ ବନ୍ଦ ହୁଅନ୍ତା। ଯାର ବଇଣ୍ଡା ଭଳି ବେସରକାରୀ ସଂସ୍ଥାକୁ ସରକାର ନିୟନ୍ତ୍ରଣ ପାଇଁ ଆଇନ ପ୍ରଣୟନ କରି ଦେଶରେ ଅରାଜକତା, ବେରୋଜଗାରୀ, ସାମାଜିକ ଅସ୍ଥିରତା ସୃଷ୍ଟି କରୁଛନ୍ତି। ତେଣୁ ସ୍ୱାଧୀନ ଭାବେ ରାଜନୈତିକ ଇଚ୍ଛାଶକ୍ତିର ଊର୍ଦ୍ଧ୍ୱରେ ରହି ଆଧୁନିକତାର ଛାପ ଆଣିବା ସହ ବିଶେଷଜ୍ଞମାନେ ଅପହଞ୍ଚ ଲୋକଙ୍କ ପାଖେ ପହଞ୍ଚିବାର କାମ, ଏନଜିଓ ସଂସ୍ଥା ପକ୍ଷରୁ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ସରକାରୀ ସହଯୋଗ କରିବା ଉଚିତ ବୋଲି ଉପେନ୍ଦ୍ର ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ମତବ୍ୟକ୍ତ କରିଥିଲେ। ସାବିତ୍ରୀ ସିଂହ ସାମନ୍ତ ନାରୀ ନେତ୍ରୀ କହିଥିଲେ ଯେ, ମହିଳାଙ୍କୁ ରାଜନୈତିକ ଦଳ ପକ୍ଷରୁ ଭୋଟର ଭାବେ ବ୍ୟବହାର କରିବା ବନ୍ଦକରି ପ୍ରକୃତ ବିକାଶର ଉପଯୋଗୀ କରିବା ଉଚିତ୍। ଶେଷରେ ଦେବେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବରୁଣେଶ୍ୱର କଲେଜରେ ୪୭୦ ଜଣ ଦେଲେ ନିଟ୍



**ବିଂଝାରପୁର, ୫।୫ (ସମିସ):** ଆଜି ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ବା ନିଟ ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଦେଶର ପ୍ରାୟ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି କ୍ରମରେ ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକ ଅରେଇସ୍ଥ ବରୁଣେଶ୍ୱର ମହାବିଦ୍ୟାଳୟରେ ୪୮୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା ରହିଥିବାବେଳେ ୪୭୦ ଜଣ ପରୀକ୍ଷା ଦେଇଥିଲେ। ଅପରାହ୍ନ ୨ଟାରୁ ୫ଟା ୨୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ କପି ରୋକିବାକୁ ଶୂନ୍ୟ ସହନଶୀଳତା ଲାଗୁ କରାଯାଇଥିଲା। ଦିନ ୧୧ଟାରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀ ପ୍ରବେଶ କରିଥିଲେ। ଛାତ୍ରୀଙ୍କ ପାଇଁ ହାଇଜେନିକ ଟଏଲେଟ ବ୍ୟବସ୍ଥା କରାଯାଇଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାର୍ଥୀ ଓ ପରୀକ୍ଷା ଦାୟିତ୍ୱରେ ଥିବା ନିରୀକ୍ଷକଙ୍କ ପାଇଁ ବାୟୋମେଟ୍ରିକ ଯାଞ୍ଚ କରାଯିବା ସହ ଦିନ ୧୧ଟାରୁ ପରୀକ୍ଷା ହଲରେ ପ୍ରବେଶ ଆରମ୍ଭ ହୋଇ ଅପରାହ୍ନ ୧ .୩୦ ଯାଏଁ ଚାଲୁ ରହିଥିଲା। ପରୀକ୍ଷାର୍ଥୀ ସାଙ୍ଗରେ ଅରିଜିନାଲ ଆଇଡି କାର୍ଡ ସହ ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ଆଇଡି କାର୍ଡ, ଦ୍ୱାଦଶ ଶ୍ରେଣୀ ବୋର୍ଡ ଆଡମିଟ୍ କାର୍ଡ କିମ୍ବା ରେଜିଷ୍ଟ୍ରେସନ୍ କାର୍ଡ, ପାସପୋର୍ଟ ଭଳି ଆଇଡି କାର୍ଡ ନେଇ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବରୁଣେଶ୍ୱର ମହାବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କ ପାଇଁ ପିଇବା ପାଣି, ଅସ୍ଥାୟୀ ବିଶ୍ରାମ ଘରର ବ୍ୟବସ୍ଥା କରାଯାଇଥିଲା।

## ପ୍ରହସନ ପାଲଟିଛି ଗ୍ରାହକ କେନ୍ଦ୍ର ସେବା

**ଧର୍ମଶାଳା, ୫।୫(ସମିସ):** ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡରେ ଗତ ଦୁଇତିନି ଦିନ ଧରି ଅହରହ ବିଦ୍ୟୁତ୍ କାଟ ଜାରି ରହିଛି। ୫ ମିନିଟ ଲାଇନ ରହୁଛି କି ନାହିଁ ଘଣ୍ଟାଏ କାଳ ଲାଇନ୍ ଯାଉଛି। ଯଦ୍ୱାରା ଅତିଷ୍ଠ ହୋଇପଡିଛନ୍ତି ଅଞ୍ଚଳବାସୀ। ଗରମ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବାବେଳେ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ ଲୋକଙ୍କ ସମସ୍ୟାକୁ ଆହୁରି ଜଟିଳ କରିଛି। ଏପରିକି ଅଧିକାଂଶ ସ୍ଥାନରେ ଲୋ-ଭୋଲ୍‌ଟେଜ୍ ଦିନ ତମାମ ରହୁଥିଲେ ବି ଏହାର ମରାମତି ଦିଗରେ ବିଦ୍ୟୁତ୍ କର୍ମଚାରୀ ଆଦୌ ଦୃଷ୍ଟି ଦେଉନାହାନ୍ତି। କନିଷ୍ଠ ଯନ୍ତ୍ରୀ କିମ୍ବା ସ୍ଥାନୀୟ ଗ୍ରାହକ କେନ୍ଦ୍ରକୁ ଫୋନ କଲ୍ ଗଲେ ମଧ୍ୟ ଗ୍ରହଣ କରୁନାହାନ୍ତି। ଜଣେ ଗ୍ରାହକ ଏ ନେଇ ଆଜି ବାଲେଶ୍ୱରସ୍ଥ ନେସ୍କୋ ଇଲେକ୍ଟ୍ରିସିଟି ଗ୍ରାହକ କେନ୍ଦ୍ରକୁ ଫୋନ କରି ଅଭିଯୋଗ କରିବା ପରେ ତାଙ୍କ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଯାହାର ନମ୍ବର- ୩୦୫୦୫୨୪୦୩୦୯୬୭। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଏପରି ବାର୍ତ୍ତା ଟିପିଏନ୍‌ଓଡିଏଲ୍ ପକ୍ଷରୁ ତାଙ୍କ ମୋବାଇଲକୁ ଦିଆଯାଇଥିଲା। ହେଲେ କୌଣସି କର୍ମଚାରୀ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟା ବିତିଯାଇଥିଲେ ବି ତାଙ୍କ ବିଦ୍ୟୁତ୍ ଲାଇନ୍ ମରାମତି ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରି ବୁଝିବା ପାଇଁ ଜାରକା ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଦଶରଥପୁର, ୫।୫ (ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କଟିକଟା ପଞ୍ଚାୟତ ନାୟକସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତି କର ତାଙ୍କ ୩୬ ବର୍ଷର ଶିକ୍ଷକତା ଜୀବନ ମଧ୍ୟରୁ ଦଶରଥପୁର ମଣ୍ଡଳ ଅଧୀନରେ ଥିବା କଟିକଟାସ୍ଥ କେସି ବେହେରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୫ ବର୍ଷ ଶିକ୍ଷକତା କରିବା ସହିତ ପରବର୍ତ୍ତୀ ସମୟରେ ନାୟକସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୧ ବର୍ଷ ଶିକ୍ଷକତା କରି ସ୍ଥାନୀୟ ଅଞ୍ଚଳରେ ଜଣେ ପ୍ରିୟ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ଅନେକ ଇଂଜିନିୟର, ବୈଜ୍ଞାନିକ, ଡାକ୍ତର, ରାଜନେତା ସୃଷ୍ଟି କରିପାରିଥିଲେ। ଶ୍ରୀମତୀ କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସମେତ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସିଆରସିସି କବିତାରାଣୀ ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ରାସବିହାରୀ ନାୟକ, କଟିକଟା ଗାନ୍ଧୀ ସ୍ମୃତି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନରହରି କର, ସୁରେନ୍ଦ୍ର ନାରାୟଣ ମହାପାତ୍ର, ନାରାୟଣ ଚନ୍ଦ୍ର ସାହୁ, ନିରଞ୍ଜନ ଷଡଙ୍ଗୀ, ଶିକ୍ଷୟିତ୍ରୀ ସରୋଜିନୀ କରଙ୍କ ସମତେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିଜ ପ୍ରିୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭାବପ୍ରବଣତା ପୂର୍ବକ ଅବସରକାଳୀନ ବିଦାୟ ଦେଇଥିଲେ।

## ମା' ତାରିଣୀ ଯଜ୍ଞ ପ୍ରସ୍ତୁତି ବୈଠକ

**ବ୍ରହ୍ମବରଦା, ୫।୫(ସମିସ):** ବ୍ରହ୍ମବରଦା ପଞ୍ଚାୟତ ତାରିଣୀ ଛକ ବଣିକ ସଂଘ ଆନୁକୂଲ୍ୟରେ ଏକାଦଶତମ ମା' ତାରିଣୀ ବାର୍ଷିକ ଯଜ୍ଞ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ ଯଜ୍ଞ ଉତ୍ସବ କମିଟି ସଭାପତି ବିପିନ ବିହାରୀ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ମା ତାରିଣୀଙ୍କ ଯଜ୍ଞ ଉତ୍ସବ ନିମନ୍ତେ ସାଜସଜ୍ଜା, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ପୂଜାପାଠ, ପୂର୍ଣ୍ଣାହୁତି, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ଚଳିତ ବର୍ଷ ଯଜ୍ଞ ଉତ୍ସବରେ କିପରି ଅଧିକରୁ ଅଧିକ ସଂଖ୍ୟକ ତାରିଣୀ ମା'ଙ୍କ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ଶାନ୍ତିଶୃଙ୍ଖଳାର ସହିତ କିପରି ସମାପନ ହେବ, ସେ ନେଇ ଆଲୋଚନା କରାଯାଇଥିଲା। ଏ ଅବସରରେ ମା' ତାରିଣୀ ଯଜ୍ଞ ଉତ୍ସବର ମୁଖ୍ୟ ଅରୁଣ କୁମାର ବେହେରା, ସତ୍ୟାନନ୍ଦ ରାଉତ, ଗାଁ ମୁରବି ନିମାଇଁ ଚରଣ ଦାସ, ସମାଜସେବୀ ପ୍ରଦୀପ ଦାସ, ଯୁବନେତା ରାକେଶ ଦେଓ, ବରିଷ୍ଠ ନାଗରିକ ଚିନ୍ତାମଣି ରାଉତ, ଅକ୍ଷୟ କୁମାର ଓଝା, ନାରାୟଣ ଦାସ, ସଂଗ୍ରାମ ରାଉତ, ମା' ତାରିଣୀ ଯଜ୍ଞ ଉତ୍ସବର ମୁଖ୍ୟ ଅରୁଣ କୁମାର ବେହେରା, ସତ୍ୟାନନ୍ଦ ରାଉତ, ବଣିକ ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ବେହେରା, ବିଚିତ୍ର ବେହେରା, ବିଶ୍ୱରଞ୍ଜନ ସାହୁ, ଆଲୋକ ବେହେରା, ରବୀନ୍ଦ୍ର ମଣ୍ଡଳ, ଗୋପୀନାଥ ଗିରିଙ୍କ ସମେତ ବଣିକ ସଂଘର ବହୁ ସଂଖ୍ୟାରେ ସଭ୍ୟ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଳଛତ୍ର



**ପାଣିକୋଇଲି, ୫।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଦୂରଦୂରାନ୍ତରୁ ପାଣିକୋଇଲି ଦେଇ ଯାତାୟାତ କରୁଥିବା ପଥଯାତ୍ରୀଙ୍କ ଜଳକଷ୍ଟ ଦୂର କରିବା ଲାଗି ପାଣିକୋଇଲି ହାଇସ୍କୁଲର ୧୯୯୯ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପାଣିକୋଇଲି ବଜାରର ଓଭରବ୍ରିଜ ତଳେ ଏକ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ପଥଚାରୀ ଉକ୍ତ ଜଳଛତ୍ରରେ ଦହି ସର୍ବତ ପିଇ ଶୋଷ ମେଣ୍ଟାଉଛନ୍ତି। ବିନାୟକ ସାହୁ, ରତିକାନ୍ତ ସେନାପତି, ପ୍ରଦୀପ ସାମଲ, ବାଣେଶ୍ୱରୀ ନାୟକ, ପ୍ରକାଶ ପଣ୍ଡା, ପ୍ରଦୀପ ବେହେରା, ଅମୂଲ୍ୟ ବେହେରା, ଗଦାଧର ବିଶ୍ୱାଳ, ସୁକାନ୍ତ ବାରିକ, ସୁଧୀର କୁମାର ଭୁକ୍ତା, ଦିଗାମ୍ବର ସାମଲ, ସରୋଜ ସାହୁ, ରାଜକୁମାର ଜେନା, ନନ୍ଦକିଶୋର ମଲ୍ଲିକ, ଚନ୍ଦନ ବାରିକ, ପୁଷ୍ପଲତା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ସୁକିନ୍ଦା, ୫।୫(ସମିସ):** ସୁକିନ୍ଦା ତହସିଲରେ କାର୍ଯ୍ୟରତ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବାବାଜୀ ଚରଣ ବେହେରାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ବେହେରା ସୁକିନ୍ଦା ତହସିଲର ହରିପୁର ଓ ଅତା ଆରଆଇ ସର୍କଲ ଦାୟିତ୍ୱରେ ଥିଲେ। ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ଚାକିରି ଆରମ୍ଭ କରି ଦୀର୍ଘ ୩୪ ବର୍ଷ ଚାକିରି କରିବା ପରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ନିଜର ନମ୍ର ବ୍ୟବହାର, ସମୟାନୁବର୍ତ୍ତିତା ଓ ପରୋପକାରୀ ଗୁଣ ପାଇଁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସୁକିନ୍ଦା ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଦମୟନ୍ତୀ ସାହୁ ଓ ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା ଶ୍ରୀ ବେହେରାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଅବସର ଜୀବନ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ କର୍ମଚାରୀ ବିଦାୟୀ ଶ୍ରୀ ବେହେରାଙ୍କ କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାର ଉଚ୍ଚ ପ୍ରଶଂସା କରିଥିଲେ।

## ସମାଜସେବୀଙ୍କ ପରଲୋକ



**ଯାଜପୁର, ୫।୫ (ସମିସ):** ଯାଜପୁର ସହର ଉପକଣ୍ଠ ପଣସା ଗ୍ରାମର ବିଶିଷ୍ଟ କୃଷକ ତଥା ସମାଜସେବୀ ବାମଦେବ ନନ୍ଦଙ୍କ ୭୪ ବର୍ଷ ବୟସରେ ବ୍ରେନ୍‌ଷ୍ଟ୍ରୋକରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘଦିନ ଧରି କଟକସ୍ଥ ଏକ ଘରୋଇ ଚିକିତ୍ସାଳୟରେ ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଅତ୍ୟନ୍ତ ଶାନ୍ତ, ସରଳ ଓ କର୍ମଜୀବୀ କୃଷକ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ସ୍ଥାନୀୟ ଜନସାଧାରଣ ଓ ପରିବାରବର୍ଗ, ବନ୍ଧୁସ୍ୱଜନ ତାଙ୍କ ପଣସାସ୍ଥିତ ବାସଭବନରେ ଶବାଧାରରେ ଉପସ୍ଥିତ ହୋଇଥିଲେ। ବାରୁଣୀ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା।

# ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା ଓ ଆଲୋଚନାଚକ୍ର



**ବରୀ, ୫।୫ (ସମିସ):** ସାମ୍ପ୍ରତିକ ସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥାର ଅଧୋଗତି ହୋଇଚାଲିଛି। ପାରମ୍ପରିକ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଚତୁରତାର ସହ ସଂକୁଚିତ କରାଯାଇଛି। ଶିକ୍ଷାର ଘରୋଇକରଣ ଯୋଗୁଁ ଅର୍ଥାଭାବ କାରଣରୁ ଅନେକ ମେଧାବୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପୁରୁଣା ଦିନ ଭଳି ଆଣି ପାରିଲେ ଓ ଶିକ୍ଷାନୁଷ୍ଠାନରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ହେଲେ ଆମ ଶିକ୍ଷା ସଂସ୍କୃତି ଐତିହ୍ୟ ଓ ପରମ୍ପରା ଅଧିକ ଋଦ୍ଧିମନ୍ତ ହେବ ବୋଲି ଜିଲ୍ଲାର ବରୀ ବ୍ଲକ ଅନ୍ତର୍ଗତ ଅଟିରାଠାରେ ଉପେନ୍ଦ୍ର କୁମାର ମିଶ୍ର ସ୍ମୃତି ସଂସଦ ପକ୍ଷରୁ 'ସାମ୍ପ୍ରତିକ ସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଓ ସ୍ୱର୍ଗତ ମିଶ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସଂସଦର ଉପସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନୁଷ୍ଠାନର ଆବାହକ ଡଃ ନିତ୍ୟାନନ୍ଦ ମିଶ୍ର ସଂସଦ ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ସାଧାରଣ ସମ୍ପାଦକ ଅଧ୍ୟାପକ ଦାମୋଦର ବେହେରା ପ୍ରାକ୍ ସୂଚନା ରଖିବା ସହିତ ସ୍ୱର୍ଗତ ଉପେନ୍ଦ୍ର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିଶ୍ୱନାଥ ଶତପଥୀ ଆଜିର ଦିନରେ ଶିକ୍ଷାର ଅବ୍ୟବସ୍ଥା ଓ ବ୍ୟବସାୟୀକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ କର ଓ ନିରଞ୍ଜନ ସାହୁ, ଅଧ୍ୟାପକ ଦିବ୍ୟଲୋଚନ ସିଂ, କବି ସରୋଜ ଦାସ, ଯୋଗଗୁରୁ ସୁବାସ ଚନ୍ଦ୍ର ତ୍ରିପାଠୀ, ବରଦା ପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ବର୍ଷୀଆନ ପାଲା ଗାୟକ ପଣ୍ଡିତ ପୀତାମ୍ବର କର ଓ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁରେଶ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ଅରବିନ୍ଦ ମହାନ୍ତି, ଶେଷଦେବ ମହାନ୍ତି, ପ୍ରଣତୀ ମିଶ୍ର, କଳ୍ପନା ମିଶ୍ର, ଏଲିନା ମିଶ୍ର, ସୁରେନ୍ଦ୍ର ସାହୁ, କମଳାକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

